୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.49 Bhubaneswar Sunday March 30 2025 | ୨୭ତମ ବର୍ଷ ସଂଖ୍ୟା-୪୯ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୩୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସୁଜାତାଙ୍କ ଭିଆରଏସ୍ : ପଣା ସଂକ୍ରାନ୍ତି ପରେ ଓଡିଶା ଛାଡିବେ ପାଣ୍ଡିଆନଙ୍କ ପରିବାର



ଭୁବନେଶ୍ୱର,୨୯।୩(ପି.ଏନ):ନବୀନ ପଟ୍ଟନାୟକ ସରକାରରେ ସର୍ବେସର୍ବା ଥିବା ଭିକେ ପାଣ୍ଡିଆନ ଓ ତାଙ୍କ ଆଇଏଏସ୍ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଖୁବଶୀଘ୍ର ଓଡିଶା ଛାଡିବେ । ଆଇଏଏସ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ସାମିଲ ହୋଇ ପରେ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ପାଣ୍ଡିଆନ ନିକଟ ଅତୀତରେ ଓଡିଶା ଛାଡିବା ନେଇ ସଙ୍କେତ ଦେଇ ସାରିଥିବାବେଳେ ତାଙ୍କ ପତ୍ନୀ ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତାଙ୍କୁ ଚାକିରିରୁ ସ୍ୱେଚ୍ଛାକୃତ ଅବସର(ଭିଆରଏସ) ପାଇଁ କେନ୍ଦ୍ର ସରକାର ମାର୍ଚ୍ଚ ୨୮ତାରିଖରେ ଅନୁମତି ଦେଇଛନ୍ତି । ସୁଜାତାଙ୍କ ଭିଆରଏସ୍ ନେଇ ରାଜ୍ୟ ସରକାର ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଥିବା ଜଣାପଡିଛି । ଚାକିରିରୁ ସୁଜାତା ଭିଆରଏସ୍ ନେବା ପରେ ତାଙ୍କର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ପାଣ୍ଡିଆନ ଦମ୍ପତି ସପରିବାର ପଣାସଂକ୍ରାନ୍ତି ପରେ ଓଡିଶା ଛାଡିବେ ବୋଲି ସୂଚନା ମିଳିଛି ।

### ନବୀନଙ୍କ ହସ୍ତକ୍ଷେପ ପରେ ସୁଜାତାଙ୍କୁ ମିଳିଲା ଅନୁମତି !

୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ଓଡିଶା ସରକାର ପ୍ରାୟ ୧୪ଦିନ ପକାଇ ରଖିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ସୁଜାତାଙ୍କ ଆବେଦନ ଉପରେ ସରକାର ପଦକ୍ଷେପ ନେଇଥିବା ଜଣାପଡିଛି । ନବୀନଙ୍କ ଅନୁରୋଧ ଓ ଦିଲ୍ଲୀ ଗସ୍ତ ପରେ ସୁଜାତାଙ୍କ ଆବେଦନ ଉପରେ ରାଜ୍ୟ ସରକାର ପଦକ୍ଷେପ ନେଇଥିବା ସୂଚନା ମିଳିଛି । ସୁଜାତା ମାର୍ଚ୍ଚ ୧୩ତାରିଖରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାକୁ ରାଜ୍ୟ ସରକାରଙ୍କୁ ଆବେଦନ କରିଥିଲେ । ଏହି ଆବେଦନକୁ ରାଜ୍ୟ ସରକାର ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ନିଜ ପାଖରେ ପକାଇ ରଖିଥିଲେ । ମାର୍ଚ୍ଚ ୨୭ତାରିଖରେ ଏହି ଆବେଦନ ସଂକ୍ରାନ୍ତରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟକୁ ଚିଠି ଲେଖି ଅବଗତ କରାଇଥିଲେ । ଆଉ ରାଜ୍ୟ ସରକାରଙ୍କ ଏହି ଚିଠି ଉପରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ତତ୍କାଳ ନିଷ୍ପତ୍ତି ନେଇଥିଲା । ମାର୍ଚ୍ଚ ୨୮ତାରିଖରେ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ସୁଜାତାଙ୍କ ଭିଆରଏସ୍ ଆବେଦନକୁ ସ୍ୱୀକାର କରାଯାଇଥିବା ନେଇ ସୂଚନା ଦେଇଛନ୍ତି । ଏହାସହିତ ଚାକିରିରୁ ଅବସର ନେବାପାଇଁ ଥିବା ୩ମାସର ବାଧତାମୂଳକ ନୋଟିସ୍ ପିରିୟଡକୁ ମଧ୍ୟ ସୁଜାତାଙ୍କ କ୍ଷେତ୍ରରେ କୋହଳ କରାଯାଇଛି ଓ ତାଙ୍କ ଅବସର ନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଅନୁରୋଧ କରିଛି । ଏହି ଚିଠି ପାଇବା ପରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମାର୍ଚ୍ଚ ୨୯ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ଜଣାପଡିଛି ।

### ସୁଜାତାଙ୍କ ଭିଆରଏସ୍ ଓ ପାଣ୍ଡିଆନଙ୍କ ବିଦେଶରେ ଚାକିରି

ଏକଦା ଓଡିଶାରେ ସର୍ବାଧିକ କ୍ଷମତା ଉପଭୋଗ କରୁଥିବା ଭିକେ ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ଗତ କିଛିଦିନ ଧରି ସୁଚିନ୍ତିତ ଢଙ୍ଗରେ ଓଡିଶା ଛାଡିବାର ଯୋଜନା କରିଛନ୍ତି । ଯେଉଁଥିପାଇଁ ସୁଜାତା ମାର୍ଚ୍ଚ ୧୩ତାରିଖରେ ଭିଆରଏସ୍ ଆବେଦନ କରିବାପରେ ହିଁ ପାଣ୍ଡିଆନ ବିଜେଡିର ନେତାମାନଙ୍କୁ ନବୀନ ନିବାସ ଡାକି ସେ ଓଡିଶା ଛାଡୁଥିବାର ସ୍ପଷ୍ଟ ସନ୍ଦେଶ ଦେଇଥିଲେ । ଏପରିକି ବିଜେଡି ପ୍ରତି ତାଙ୍କର ଆଉ ସାମାନ୍ୟତମ ସମ୍ବେଦନ ନାହିଁ ବୋଲି ମଧ୍ୟ କହିବାକୁ ପଛାଇ ନଥିଲେ । ପାଣ୍ଡିଆନଙ୍କ ଏଭଳି ଆଭିମୁଖ୍ୟ ବିଜେଡିରେ ଏବେବି ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ପାଣ୍ଡିଆନ ସପରିବାର ଓଡିଶା ଛାଡିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କଠୁ ମଧ୍ୟ ଗ୍ରୀନ୍ ସିଗନାଲ ପାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ଉଭୟ ଦମ୍ପତି ପୂର୍ବରୁ ପଞ୍ଜିକୃତ ହୋଇଥିବା ଏକ ଥିଙ୍କଟ୍ୟାଙ୍କ୍ ଫାର୍ମ ସହ ଜଡିତ ହୋଇ ଲଣ୍ଡନରୁ କାର୍ଯ୍ୟ କରିବେ ବୋଲି ଜଣାପଡିଛି । ପାଣ୍ଡିଆନ ଓ ସୁଜାତାଙ୍କ ଏକମାତ୍ର ଝିଅ ନୟନତାରା ଲଣ୍ଡନରେ ଉଚ୍ଚଶିକ୍ଷା କରିବେ ବୋଲି ସୂଚନା ମିଳିଛି ।

### ସୁଜାତା ଓ ରାଜନୀତି ଚର୍ଚ୍ଚା

ବିଜେଡିର ୨୪ବର୍ଷର ଶାସନର ଅପ୍ରତ୍ୟାଶିତ ଅନ୍ତ ପାଇଁ ଦଳୀୟ ନେତାଙ୍କଠୁ ଆରମ୍ଭ କରି ସାଧାରଣ ସମର୍ଥକମାନେ ସିଧାସଳଖ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି । ପାଣ୍ଡିଆନ ମଧ୍ୟ ନିଜର ତ୍ରୁଟିକୁ ଅନୁଭବ କରି ରାଜନୀତିରୁ ସନ୍ୟାସ ଘୋଷଣା କରିଥିଲେ । ଏହି ଘଟଣାର କିଛିମାସ ପରେ ପାଣ୍ଡିଆନ ପରଦା ପଛରେ ରହି ପୁନର୍ବାର ବିଜେଡିରେ ସକ୍ରିୟ ହେବାପରେ ଦଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଦଳର କିଛି ବରିଷ୍ଠ ନେତାମାନେ ସିଧାସଳଖ ପାଣ୍ଡିଆନଙ୍କୁ ବିଭିନ୍ନ ଦଳୀୟ ନେତାମାନଙ୍କ ସମ୍ମୁଖରେ କଡା ଭର୍ତ୍ସନା କରିବାକୁ ପଛାଇ ନଥିଲେ । ଦଳ ଏବେ ଯେଉଁ ଜଟିଳ ପରିସ୍ଥିତି ଦେଇ ଗତି କରୁଛି କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ବିଜେଡି ପାଇଁ ବୁମେରାଂ ହେବାର ଆଶଙ୍କା ଥିବାରୁ ପାଣ୍ଡିଆନ ନିଜ ଆଡୁ ଦଳଠୁ ଦୂରେଇ ଯିବା ଘୋଷଣା କରିଛନ୍ତି । ଏଥିପାଇଁ ନେତାମାନଙ୍କୁ ଡାକି ନିଜ ମନ କଥା କହିବା ସହ ବିଜେଡି ପ୍ରତି ତାଙ୍କର ଇମୋସନ୍ ନାହିଁ ବୋଲି କହିଛନ୍ତି । ସୁଜାତା ଭିଆରଏସ୍ ନେବା ପରେ ସେ ବିଜେଡିରେ ସାମିଲ ହେବେ ବୋଲି ଚର୍ଚ୍ଚା ଲାଗି ରହିଛି । ମାତ୍ର ପାଣ୍ଡିଆନଙ୍କ ପତ୍ନୀ ଭାବେ ସୁଜାତାଙ୍କୁ ବିଜେଡିରେ ନେତାମାନେ ଗ୍ରହଣ କରିବାର ସମ୍ଭାବନା କ୍ଷୀଣ । ଦଳ ଏବେ ଯେଉଁ ସ୍ଥିତିରେ ରହିଛି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ଦଳର ବରିଷ୍ଠ ନେତାମାନଙ୍କ ଉପରେ ମଧ୍ୟ ସେଭଳି ନିୟନ୍ତ୍ରଣ ନାହିଁ । ତେଣୁ ଏସବୁ କଥାକୁ ବୁଝିଥିବା ପାଣ୍ଡିଆନ ଓ ତାଙ୍କ ପତ୍ନୀ ଏବେ ଲୋକଦେଖାଣିଆ ବିଜେଡିଠୁ ସମ୍ପର୍କ ଛିନ୍ନ କରିଥିବା ଜଣାପଡିଛି । ଅବଶ୍ୟ ପାଣ୍ଡିଆନ ଏବେବି ନବୀନଙ୍କୁ ନିୟନ୍ତ୍ରଣ କରୁଥିବାରୁ ପରୋକ୍ଷରେ ବିଜେଡି ତାଙ୍କ ନିୟନ୍ତ୍ରଣରେ ରହିଥିବା ଚର୍ଚ୍ଚା ହେଉଛି ।

## ଜାଲ ସାର୍ଟିଫିକେଟ ଦେଇ ଚାକିରି: ଅଧକ୍ଷଙ୍କ ବହିଷ୍କାର ଦାବିରେ କଲେଜରେ ତାଲା ପକାଇଲେ ଛାତ୍ରଛାତ୍ରୀ



ଢେଙ୍କାନାଳ,୨୯।୩(ପ.ଏନ): ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା କଲେଜ ଅଧକ୍ଷଙ୍କ ବହିଷ୍କାର ଦାବିରେ ତାତିଲେ ଛାତ୍ରଛାତ୍ରୀ । ଜାଲ ଭିନ୍ନକ୍ଷମ ସାର୍ଟିଫିକେଟରେ ଚାକିରି କରିଥିବା ଅଧକ୍ଷଙ୍କୁ ହଟାଇବା ଦାବିରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକରେ ତାଲା ପକାଇଲେ ଉକ୍ତ ଛାତ୍ରଛାତ୍ରୀ । ହୋହାଲ୍ଲା ନାରାବାଜିରେ କମ୍ପିଛି କଲେଜ ପରିସର । ଏପଟେ ଜାଲ ସାର୍ଟିଫିକେଟ ଘଟଣାରେ ଉପ ଜିଲ୍ଲାପାଳ ଓ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ କଲେଜରେ ପହଞ୍ଚି ଅଧକ୍ଷଙ୍କୁ ପଚରାଉଚରା ଆରମ୍ଭ କରିଛନ୍ତି । କଲେଜ ଅଧକ୍ଷଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିବା ପରେ ଅଶାନ୍ତ ହୋଇଛି ମହାବିଦ୍ୟାଳୟ । ମୁଖ୍ୟ ଫାଟକରେ ତାଲା ପକାଇ ହୋହାଲ୍ଲା ନାରାବାଜି କରିଛନ୍ତି ଛାତ୍ରଛାତ୍ରୀ । ପିଲାଙ୍କ ଗୋଟିଏ ଜିଦ୍ କଲେଜ ଅଧକ୍ଷ ଚିତ୍ତରଞ୍ଜନ ସାହୁଙ୍କ ତୁରନ୍ତ ବହିଷ୍କାର କରାଯାଉ । କଲେଜ ଅଧକ୍ଷ ଚିତ୍ତରଞ୍ଜନ ସାହୁ ନକଲି ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ଚାକିରି ହାତେଇଥିବା ଅଭିଯୋଗ ଆଣିଛନ୍ତି ଆନ୍ଦୋଳନରତ ଛାତ୍ରଛାତ୍ରୀ । ବିଭିନ୍ନ ସମୟରେ ଅଧକ୍ଷ ଚିତ୍ତରଞ୍ଜନ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ବି ଅଭିଯୋଗ ହୋଇଛି । ପିଲାଙ୍କ ଶିକ୍ଷାରେ ଉନ୍ନତି ପାଇଁ ଆସିଥିବା ଅନୁଦାନ ଅର୍ଥରେ ବି ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି । ଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ରଛାତ୍ରୀ ଦାବି କରିଛନ୍ତି । ଯଦି ଅଧକ୍ଷ ଚିତ୍ତରଞ୍ଜନ ଭିନ୍ନକ୍ଷମ, ତେବେ ତାଙ୍କର ନାଁରେ ଡ୍ରାଇଭିଙ୍ଗ ଲାଇସେନ୍ସ କିଭଳି ରହିଲା ? ସେ ବାଇକ ଓ କାର କିଭଳି ଚଳାଉଛନ୍ତି ବୋଲି ପ୍ରଶ୍ନ ଉଠାଇ ଛାତ୍ରଛାତ୍ରୀ ଆନ୍ଦୋଳନ କରିଥିଲେ । ଏନେଇ ସମ୍ବଲପୁର ଆରଡିସିଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିବା ପରେ ଢେଙ୍କାନାଳ ଉପ ଜିଲ୍ଲାପାଳ ଏହାର ତଦନ୍ତ କରିଛନ୍ତି । ତେବେ ପଚରାଉଚରା ବେଳେ କଲେଜ ଅଧକ୍ଷ କୌଣସି ଭିନ୍ନକ୍ଷମ ସାର୍ଟିଫିକେଟ ଦେଖାଇ ପାରି ନଥିବା ଜଣାପଡିଥିଲା । ଯାହାକୁ ନେଇ କଲେଜ ଛାତ୍ରଙ୍କ ମଧ୍ୟରେ ପୁଣି ଅସନ୍ତୋଷ ପ୍ରକାଶ ପାଇଥିଲା ।

## ବିଜେଡିର ଇଫତାର ପାର୍ଟି: ନବୀନ ଜଣାଇଲେ ଇଦ୍ ମୁବାରକ୍

ଭୁବନେଶ୍ୱର,୨୯।୩(ପି.ଏନ): ବିଜେଡିର ଇଫତାର ପାର୍ଟି । ଶଙ୍ଖଭବନରେ ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଇଫତାର ପାର୍ଟିର ଆୟୋଜନ । ସାମିଲ ହେଲେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଜଣାଇଲେ ଇଦ୍ ମୁବାରକ୍ । ଆଜି ଶଙ୍ଖଭବନରେ ବିଜେଡି ସଂଖ୍ୟାଲଘୁ ସେଲ ପକ୍ଷରୁ ଇଦ ଅବସରରେ ଇଫତାର ପାର୍ଟିର ଆୟୋଜନ କରାଯାଇଛି । ଏଥିରେ ନବୀନ ଯୋଗ ଦେଇ ଖୁସି ପ୍ରକାଶ କରିଛନ୍ତି । ଏହି ଅବସରରେ ସେ ସମସ୍ତ ମୁସଲମାନ ଭାଇ ଓ ଭଉଣୀଙ୍କୁ ଇଦ୍ ମୁବାରକ ଜଣାଇଛନ୍ତି । ଏହାସହ ଇଦ୍ ଶୁଭେଚ୍ଛା ଜଣାଇଲେ ।

## ବଡ଼ ମେଡିକାଲରେ ବଡ଼ ଅବ୍ୟବସ୍ଥା: ଆଇସିୟୁରେ ଥିବା ୬୦ ଭେଣ୍ଟିଲେଟର ଅଚଳ

କଟକ,୨୯।୩(ପି.ଏନ): ଏସସିବି ବଡ଼ ମେଡିକାଲର ବିଭିନ୍ନ ଆଇସିୟୁରେ ଭେଣ୍ଟିଲେଟର ଅଚଳ । ଗୋଟିଏ କି ଦୁଇଟି ନୁହେଁ, ପ୍ରାୟ ୬୦ଟି ଭେଣ୍ଟିଲେଟର ଏବେ ଅକାମୀ ହୋଇପଡିଛି । ଫଳରେ ଜଟିଳ ରୋଗୀଙ୍କ ଜୀବନ ରକ୍ଷା ଦିଗରେ ଏବେ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ କିଛି ଆଇସିୟୁରେ ଏହି ମେସିନ ଖରାପ ଥିଲା, ଯାହାର ପର୍ଯ୍ୟାୟ କ୍ରମେ ମରାମତି ହେଉଛି ବୋଲି କହିଛନ୍ତି ଏସସିବି ଅଧିକ୍ଷକ ।ପ୍ରାୟ ୬୦ ଭେଣ୍ଟିଲେଟର ଅଚଳ ଯୋଗୁଁ ବଢୁଛି ସମସ୍ୟା । କୋଭିଡ ସମୟରେ ସରକାର ଯୋଗାଇଥିବା ୪୪ଟି ମେସିନ ରହିଛି । ଏହାର ମରାମତି ଦାୟିତ୍ୱରେ ଥିବା କଞ୍ଚଟଖ ସଂସ୍ଥା ମରାମତି କରିବା ସତ୍ତ୍ୱେ କିଛି ସମୟ ଚାଲିବା ପରେ ଆପଣା ଛାଏଁ ବନ୍ଦ ହୋଇଯାଉଥିବା ଅଭିଯୋଗ ହୋଇଛି । ଫଳରେ ଗୁରୁତର ରୋଗୀ ପ୍ରମାଦ ଗଣିଲେଣି ।

## ବିଧାୟକଙ୍କୁ ନିଲମ୍ବନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ଟିମ୍



ଭୁବନେଶ୍ୱର,୨୯।୩(ପି.ଏନ): ବିଧାନସଭାରେ ସମସ୍ତ କଂଗ୍ରେସ ବିଧାୟକଙ୍କୁ ନିଲମ୍ବନ କରାଯିବା, ଆନ୍ଦୋଳନ ବେଳେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ ପ୍ରତିନିଧି ମଣ୍ଡଳୀ । ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ଏବଂ ବରିଷ୍ଠ ନେତାମାନେ ରାଜ୍ୟପାଳଙ୍କୁ ଭେଟିଛନ୍ତି ।ନାରୀ ନିର୍ଯାତନା ରାଜ୍ୟରେ ବୃଦ୍ଧି ପାଇଥିବାବେଳେ କଂଗ୍ରେସ ଏହା ଉପରେ ଏକ ହାଉସ କମିଟି ଗଠନ ଲାଗି ଦାବି କରିଆସୁଛି । କିନ୍ତୁ ଏହାକୁ ନେଇ ସରକାର, କଂଗ୍ରେସ ବିଧାୟକମାନଙ୍କୁ ଗୃହ ଭିତରକୁ ଯିବାକୁ ଦିଆଯାଉନି । ସବୁ କଂଗ୍ରେସ ବିଧାୟକମାନଙ୍କୁ ନିଲମ୍ବନ କରାଯାଇଛି, ଏହା ଅଗଣତାନ୍ତ୍ରିକ । ସାଧାରଣ ଲୋକଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିଙ୍କୁ ବିଧାନସଭା ବାରଣ କରିବା ଅସମ୍ବିଧାନିକ କହି ଏହାର ପ୍ରତିବାଦ ରାଜ୍ୟପାଳଙ୍କ ନିକଟରେ କରିଛି କଂଗ୍ରେସ । କଂଗ୍ରେସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବାବେଳେ ପୋଲିସ ଲଗେଇ ସରକାର ମାଡ଼ ମାରିଲେ । ଆନ୍ଦୋଳନକାରୀଙ୍କୁ ଲାଠିମାଡ, ପାଣିମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କଲେ । ପୋଲିସ ପଥର ମାରିବା ଓ ଆନ୍ଦୋଳନକାରୀଙ୍କ ମୁଣ୍ଡ ଫଟାଇବା ଆଶ୍ଚର୍ଯ୍ୟଜନକ ବୋଲି କଂଗ୍ରେସ କହିଛି ।

## ତେଜିଲା ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରତିବାଦ: ବିରୋଧୀଙ୍କ ସହ ସ୍ୱର ମିଳାଇଲେ ଶାସକ ଦଳ ପ୍ରତିନିଧି

ଭୁବନେଶ୍ୱର: ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ବ୍ୟାକଫୁଟରେ ରାଜ୍ୟ ସରକାର । ପୂର୍ବରୁ ଅବସରପ୍ରାପ୍ତ ସେନା ଅଧିକାରୀ ଏହାକୁ ବିରୋଧ କରୁଥିଲେ । ଏବେ ଶାସକ ଦଳ ବିଜେପିର ନିଜ ବିଧାୟକ ବି ବିରୋଧ କରିଛନ୍ତି । ଆଜି ଗୃହ ଭିତରେ ବିଜେପି ବିଧାୟକ ଫକୀର ମୋହନ ନାୟକ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଶ୍ନବାଣରେ ଘେରିବା ସହ ସୈନିକ ସ୍କୁଲ ସ୍ଥାନାନ୍ତରକୁ ବିରୋଧ କରିଛନ୍ତି । ବିଜେପି ବିଧାୟକଙ୍କ ବିରୋଧ ଯୋଗୁଁ ପୂର୍ତ୍ତମନ୍ତ୍ରୀ ସ୍ୱର ବଦଳାଇଛନ୍ତି । ଯେଉଁ ପୂର୍ତ୍ତ ବିଭାଗ ସୈନିକ ସ୍କୁଲର ନୂଆ ଜମି ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ, ସେ ଆଜି ସ୍ଥାନାନ୍ତର ବାଧ୍ୟତାମୂଳକ ନୁହେଁ ବୋଲି ଗୃହରେ କହିବାକୁ ବାଧ୍ୟ ହୋଇଛନ୍ତି । ସେପଟେ ସୈନିକ ସ୍କୁଲ ଜମିକୁ ନେଇ ରାଜ୍ୟ ସରକାର ଚକ୍ରାନ୍ତ କରି ବିଲ୍ଡରଙ୍କ ହାତକୁ ଟେକିବାକୁ ଚକ୍ରାନ୍ତ କରୁଥିବା ଅଭିଯୋଗ କରି ପ୍ରତିବାଦ ଶାଣିତ କରିବାକୁ ଗୃହ ବାହାରେ ଚେତାବନୀ ଦେଇଛି ବିଜେଡି ।ମୋହନ ମାଝୀ ସରକାର ଆସୁ ଆସୁ ଭୁବନେଶ୍ୱରରୁ ସୈନିକ ସ୍କୁଲ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ କଲା । ଖୋର୍ଦ୍ଧା ଜିଲ୍ଲା ଭିତରେ ନୂଆ ସୈନିକ ସ୍କୁଲ ପାଇଁ ଜମି ଦେବାକୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲା ପୂର୍ତ୍ତ ବିଭାଗ । ସେ ସମୟରେ ଗୃହ ଭିତରେ ଏହା ବିରୋଧରେ ବିଜେଡି ସ୍ୱର ଉଠାଇଥିବା ବେଳେ ଗୃହ ବାହାରେ ପ୍ରତିବାଦ କରିଥିଲେ ଅବସରପ୍ରାପ୍ତ ସେନା ଅଧିକାରୀ । ହେଲେ ସରକାର ଶୁଣିଲେ ନାହିଁ । ଆଜି କିନ୍ତୁ ଗୃହ ଭିତରେ ସରକାରଙ୍କ ସ୍ୱର ନରମ ପଡିଛି । କାରଣ ଆଜି ନିଜ ଦଳର ବିଧାୟକ ସରକାରଙ୍କୁ ଏହି ପ୍ରସଙ୍ଗରେ ଟାର୍ଗେଟ କରିଛନ୍ତି ।ସୈନିକ ସ୍କୁଲ ସ୍ଥାନାନ୍ତରକୁ ବିରୋଧ କରି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗୃହ ଭିତରେ ଘେରିଛନ୍ତି ବିଜେପି ବିଧାୟକ ଫକୀର ମୋହନ ନାୟକ । ପୁରୁଣା ସ୍ଥାନରୁ ସୈନିକ ସ୍କୁଲ ନଉଠାଇ ବିକଳ୍ପ ଭାବେ ୭ ଶହ ମିଟର ଫ୍ଲାଏ ଓଭର ପାଇଁ ସେ ପରାମର୍ଶ ଦେଇଛନ୍ତି । ନିଜ ବିଧାୟକଙ୍କ ଏପରି ଦାବି ପାଇଁ ବ୍ୟାକଫୁଟରେ ପଡିଥିବା ପୂର୍ତ୍ତ ମନ୍ତ୍ରୀ ବାଧ ହୋଇ କହିଲେ, ସେଠାରେ ଫ୍ଲାଏ ଓଭର କରିବା ସମ୍ଭବ ନୁହେଁ । ହେଲେ କେହି ଜବରଦସ୍ତ ସୈନିକ ସ୍କୁଲକୁ ହଟାଇ ପାରିବେ ନାହିଁ । ଏହା ସୈନିକ ସ୍କୁଲ ମ୍ୟାନେଜମେଣ୍ଟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ନିର୍ଭର କରେ । ବିଭିନ୍ନ ରାଜ୍ୟରେ ସୈନିକ ସ୍କୁଲ ସହର ବାହାରେ ଥିବାରୁ ସରକାର ସ୍ଥାନାନ୍ତର ନିଷ୍ପତ୍ତି ନେଇଥିଲେ ।ବର୍ତ୍ତମାନ ଓଡ଼ିଶା ବିଧାନସଭାରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଦିବ୍ୟ ଶଙ୍କର ମିଶ୍ରଙ୍କ ସମେତ ବିଜେପି ସଦସ୍ୟ ଫକୀର ମୋହନ ନାୟକ ସୈନିକ ସ୍କୁଲରେ ପୂର୍ବତନ ଛାତ୍ର । ରଣେନ୍ଦ୍ର ଗତ ବିଧାନସଭାରେ ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତିକୁ ଗୃହରେ ବିରୋଧ କରିଥିଲେ । କାରଣ ସୈନିକ ସ୍କୁଲ ଜମିକୁ ବିଲ୍ଡରଙ୍କ ହାତକୁ ସରକାର ଟେକି ଦେବାର ଷଡଯନ୍ତ୍ରର ଗନ୍ଧକୁ ବାରିଛି ବିଜେଡି । ସୈନିକ ସ୍କୁଲ ଭୁବନେଶ୍ୱରରେ ରହୁ, ଆବଶ୍ୟକ ପଡିଲେ, ଏହାର ଦ୍ୱିତୀୟ କ୍ୟାମ୍ପସ ଖୋର୍ଦ୍ଧା ଶରଧାପୁରରେ କରିବାକୁ ବିଜେଡି ଦାବି କରିଛି ।ରାଜ୍ୟବାସୀ ସିନା ବିଜେପିର ଓଡ଼ିଆ ଅସ୍ମିତା ନାରାକୁ ବିଶ୍ୱାସ କରି ଭୋଟ ଦେଲେ । ହେଲେ ଧୀରେ ଧୀରେ ସରକାରଙ୍କ ଓଡ଼ିଆ ଅସ୍ମିତା ବିରୋଧୀ ଆଚରଣରେ କ୍ଷୁବ୍ଧ ହେଲେଣି । ଏବେ ତ ବିଜେପି ସଦସ୍ୟ ବି ପ୍ରଶ୍ନ କରିବା ଆରମ୍ଭ କଲେଣି । ଯାହା ସରକାରଙ୍କ ନିଷ୍ପତ୍ତିର ଟାଳଟୁଳ ନୀତିକୁ ପଦାରେ ପକାଉଛି ।

## ରାଜ୍ୟର ୯୦ ଲକ୍ଷ ଦଳିତ ଅସୁରକ୍ଷିତ, ସଂରକ୍ଷଣ କୋଟାରୁ ଫାଇଦା ନେଉଛନ୍ତି ଭିନ୍ନ ଜାତିର ଲୋକେ

ଭୁବନେଶ୍ୱର,୨୯।୩(ପି.ଏନ): ବିଜେପି ସରକାର ଉପରେ କ୍ଷୁବ୍ଧ ରାଜ୍ୟର ୯୦ ଲକ୍ଷ ଅସ୍ପୃଶ୍ୟ ଦଳିତ ବର୍ଗ । ଅନ୍ୟ ପଛୁଆ ଜାତିର ଲୋକେ ଗଳାବାଟରେ ଅନୁସୂଚିତ ଜାତି ବର୍ଗରେ ସାମିଲ ହୋଇ ସେମାନଙ୍କ ଅଧିକାରକୁ ଲୁଟି ଚାଲିଛନ୍ତି । ସମ୍ବିଧାନ ପୂର୍ବରୁ ଦଳିତ ବର୍ଗର ମାନ୍ୟତା ପାଇଥିବା ଲୋକେ ଏବେ ଅସହାୟ । ସେମାନଙ୍କ କୋଟା ବ୍ୟବହାର କରୁଛନ୍ତି ଅନ୍ୟ ଜାତିର ଲୋକେ । ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଶକ୍ତିଶାଳୀ ବର୍ଗ ଏମାନଙ୍କୁ ହଇରାଣ କରୁଛନ୍ତି ବୋଲି ଅସଲି ଦଳିତ ବର୍ଗର ଲୋକେ ଅଭିଯୋଗ କରିଛନ୍ତି । ବିଜେପି ସରକାର ଏହାକୁ ଅନୁଧ୍ୟାନ କରି ନକଲି ଦଳିତଙ୍କୁ ତାଲିକାରୁ ହଟାଇବାକୁ ଦାବି ହୋଇଛି । ସରକାର ଏଥିପ୍ରତି ଦୃଷ୍ଟଇ ନଦେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଦିଆଯାଇଛି ଚେତାବନୀ ।ସମାଜରେ ଅଛୁଆଁ ବ୍ୟାଧି ଦ୍ୱାରା ପୀଡିତ ବର୍ଗ ଅନୁସୂଚିତ ଜାତିରେ ହୋଇଥିଲେ ସାମିଲ । ଏମାନଙ୍କ ପାଇଁ ଶିକ୍ଷା, ଚାକିରି, ପଦୋନ୍ନତିରେ ରହିଛି ସଂରକ୍ଷଣ ବ୍ୟବସ୍ଥା । ହେଲେ ଦଳିତଙ୍କ ସଂରକ୍ଷଣକୁ ଲୁଟୁଛନ୍ତି ଅନ୍ୟ ଜାତିର ଲୋକେ । କେଉଟ, କୈବର୍ତ୍ତ, ରାଢୀ, ନିଆରୀ ଭଳି ଜାତି ବେଆଇନ ଭାବେ ଅନୁସୂଚିତ ଜାତିରେ ସାମିଲ ହୋଇ ଅସଲି ଦଳିତଙ୍କ ଅଧିକାରକୁ ଲୁଟି ଚାଲିଥିବା ଅଭିଯୋଗ ହୋଇଛି । ୨୦୦୨ ମସିହାରେ ବନଜାରା ବା ଯାଯାବର ଯାହାକୁ 'ଦେବର' ସଂପ୍ରଦାୟ ବୋଲି କୁହାଯାଏ, ସେମାନଙ୍କୁ ଦଳିତ ବର୍ଗରେ ସାମିଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଏହାର ଫାଇଦା ଉଠାଉଛନ୍ତି ରାଜ୍ୟର କିଛି ଜାତି । 'ଦେବର' ପ୍ରତି ଶବ୍ଦ ଧିବର କହି କେଉଟ, କୈବର୍ତ୍ତ, ରାଢୀ, ନିଆରୀ ଭଳି ଜାତିକୁ ଅନୁସୂଚିତ ବର୍ଗରେ ସାମିଲ କରାଯାଇଛି । ଏହା ସମ୍ପୂର୍ଣ୍ଣ ବେଆଇନ ଓ ଜାଲିଆତି ବୋଲି ଅଭିଯୋଗ କରିଛି ଅସ୍ପୃଶ୍ୟ ଦଳିତ ବର୍ଗ । ସମାଜରେ ଏମାନେ ଅଛୁଆଁ ନ ହୋଇ ମଧ୍ୟ ଦଳିତ ବର୍ଗଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥାର ଲାଭ ନେଉଛନ୍ତି । ଏମାନଙ୍କୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦେବାକୁ ଦଳିତ ବର୍ଗ ଦାବି କରିଛି । ବିଜେପି ସରକାର ସତ ମିଛ ଅନୁଧ୍ୟାନ କରି ତୁରନ୍ତ ଏମାନଙ୍କୁ ଦଳିତ ତାଲିକାରୁ ହଟାଇବାକୁ ଦାବି କରିଛନ୍ତି ।ରାଜ୍ୟରେ ୧୭ ପ୍ରତିଶତରୁ ଅଧିକ ଅନୁସୂଚିତ ବର୍ଗର ଲୋକେ ଅଛନ୍ତି । ଏମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସମ୍ବିଧାନର ନିୟମ ଅନୁସାରେ ଶିକ୍ଷା, ଚାକିରି, ନିର୍ବାଚନରେ ୮ରୁ ୧୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ତାଲିକାରେ ଅସଲି ଦଳିତ ବର୍ଗ ପ୍ରାୟ ୯୦ ଲକ୍ଷ ଲୋକେ ଥିବା ବେଳେ ୨୦୦୨ ପରେ ଜାଲିଆତି କରି କେଉଟ, କୈବର୍ତ୍ତ, ଧୀବର, ରାଢୀ, ନିଆରି ଭଳି ୮ରୁ ୧୦ ଲକ୍ଷ ଅନୁସୂଚିତ ବର୍ଗରେ ସାମିଲ ହୋଇଗଲେ । ଏମାନେ ପ୍ରଭାବ ବିସ୍ତାର କରି ଅସଲି ଦଳିତଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହ ସମୋନଙ୍କ ସଂରକ୍ଷିତ ଆସନର ଫାଇଦା ନେଉଛନ୍ତି । ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ ସବୁ ଜାଗାରେ ଏମାନେ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି । ଯେଉଁଥି ପାଇଁ ରାଜ୍ୟରେ ଜାଲ ଜାତି ରାକେଟ ସକ୍ରିୟ ହେବା ସହ ଅନେକ ଅଭିଯୋଗ ଆସୁଛି । ବିଜେପି ସରକାର ତୁରନ୍ତ ସମସ୍ୟାର ମୂଳକୁ ଯାଇ ଏହାର ସମାଧାନ ପାଇଁ ପ୍ରୟାସ କରିବା ଦରକାର ବୋଲି ବିଶେଷଜ୍ଞ କହିଛନ୍ତି ।ମିଛ ଜାତି ପ୍ରମାଣପତ୍ର ପ୍ରସଙ୍ଗରେ ବଲାଙ୍ଗୀରରୁ ବରଗଡ, ମାଲକାନାଗିରିରୁ ମୟୂରଭଞ୍ଜ, କେନ୍ଦୁଝରରୁ କେନ୍ଦ୍ରାପଡା, ସବୁଠି ପୁଳା ପୁଳା ମାମଲା । ଅସ୍ପୃଶ୍ୟ ଦଳିତ ବର୍ଗ ନିଜ ଅଧିକାର ପାଇଁ ବର୍ଷ ବର୍ଷ ଧରି ସଂଘର୍ଷ କରୁଥିବା ବେଳେ ଶୁଣିବାକୁ କେହି ନାହିଁ । ସରକାର ବଦଳିଲେ ସେମାନଙ୍କ ଭାଗ୍ୟ ବଦଳିବ ବୋଲି ଯେଉଁ ଆଶା ଥିଲା, ତାହା ବି ମଉଳିବାକୁ ବସିଲାଣି ।

## ବେଆଇନ ଇଟା ଭାଟିରେ ଧରାକୋଟ ତହସିଲଦାରଙ୍କ ଚଢ଼ାଉ



ଭୁବନେଶ୍ୱର,୨୯।୩(ପି.ଏନ): ଆକ୍ସନ ମୋଡ଼ରେ ଧରାକୋଟ ତହସିଲଦାର। ଆସିକା ଧରାକୋଟ ରାଜସ୍ୱ ବିଭାଗ ଅଧିନସ୍ଥ ବେଆଇନ ଇଟା ଭାଟିରେ ତହସିଲଦାର ଚଢ଼ାଉ କରିଛନ୍ତି । ବେଆଇନ ଇଟା ଭାଟି ଉପରେ ଚଢ଼ାଉ କରି ଜଗମୋହନ, ଭାଲିଆ ପୋଲି, ଧରାକୋଟ,ବେଠୁଆର ଆଦି ଅଞ୍ଚଳର ବିଭିନ୍ନ ଇଟା ଭାଟି ଉପରେ ଜେସିବି ଲଗାଇ ହଜାର ହଜାର ଇଟା ନଷ୍ଟ କରିଛନ୍ତି। ପୋଲିସ, ଅଗ୍ନିଶମ ବିଭାଗ ଓ ତହସିଲ କର୍ମଚାରୀଙ୍କୁ ନେଇ ଗଠନ ଏକ ଟିମ ସହାୟତାରେ ଏହି ଚଢ଼ାଉ ଜାରି ରହିଛି। ପୂର୍ବରୁ ବେଆଇନି ଇଟା ମାଲିକ ମାନଙ୍କୁ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। ହେଲେ ସେମାନେ ନିଜ ପକ୍ଷ ନ ରଖିବାରୁ ଏହି ପରି ପଦକ୍ଷେପ ନିଆଯାଇଥିବା ଜଣା ପଡ଼ିଛି।






# ଭାଙ୍ଗିଲା ୪ ବର୍ଷର ସମ୍ପର୍କ



ବଲିଉଡ୍ ସୁନ୍ଦରୀ ଅଭିନେତ୍ରୀ ତାରା ସୂତାରିଆ ନିଜ ଅଭିନୟର ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି । ତାଙ୍କ ଜୀବନରେ କ’ଣ ସବୁ ଘଟୁଛି ସେ ସୋସିଆଲ୍ ମିଡିଆ ଜରିଆରେ ପ୍ରଶଂସକମାନଙ୍କୁ କହିଥାନ୍ତି । ସୋସିଆଲ ମିଡିଆରେ ନିଜର ଛୋଟ ବଡ ଖୁସି ସେୟାର କରନ୍ତି । ନିକଟରେ ଆଦର ଜୈନଙ୍କ ସହ ତାଙ୍କ ଫଟୋ ପୋଷ୍ଟ କରୁଥିଲେ, କିନ୍ତୁ ବର୍ତ୍ତମାନ ଶୁଣିବାକୁ ମିଳୁଛି ଯେ ସେମାନଙ୍କ ରାସ୍ତା ଅଲଗା ହୋଇଯାଇଛି । ଅର୍ଥାତ୍ ସେମାନଙ୍କର ବ୍ରେକଅପ୍ ହୋଇଛି । ତାରା ସୂତରିଆ ଏବଂ ଆଦର ଜୈନଙ୍କ ସମ୍ପର୍କ ବିଷୟରେ ସମସ୍ତେ ଜାଣନ୍ତି । କିନ୍ତୁ ସେମାନେ ନିଜ ସମ୍ପର୍କକୁ ନେଇ ଚୁପ୍ ରହିଛନ୍ତି । ଅଭିନେତ୍ରୀ ପ୍ରାୟତଃ କପୁର ପରିବାର ସହିତ ଦେଖିବାକୁ ମିଳନ୍ତି । କିନ୍ତୁ ଦୀର୍ଘ ସମୟ ଧରି ସେମାନଙ୍କୁ ଏକାଠି ଦେଖିବାକୁ ମିଳିଲା ନାହିଁ । ଏପରି ପରିସ୍ଥିତିରେ ସେମାନଙ୍କ ବ୍ରେକଅପ୍ ବିଷୟରେ ଆଲୋଚନା ଆରମ୍ଭ ହୋଇଛି । ରଣବୀର-ଆଲିଆଙ୍କ ବିବାହରେ ତାରା ଅନୁପସ୍ଥିତ ଥିଲେ । କପୁର ପରିବାରର ଖ୍ରୀଷ୍ଟମାସ ପାର୍ଟିରେ ମଧ ଦେଖିବାକୁ ମିଳି ନଥିଲା । ଯେତେବେଳେ ସେମାନଙ୍କର ବ୍ରେକଅପ୍ ଖବର ଆସିଲା, ସେମାନଙ୍କ ପ୍ରଶଂସକମାନେ ଚକିତ ହୋଇ ହୋଇଯାଇଥିଲେ । ହେଲେ ଇ-ଟାଇମ୍ସ ତାର ଏକ ରିପୋର୍ଟରେ ତାରା ଏବଂ ଆଦର ବ୍ରେକଅପ୍ ନିଶ୍ଚିତ କରିଛି । କୁହାଯାଇଥିଲା ଯେ ସେମାନେ ପାରସ୍ପରିକ ସହମତି ଦ୍ୱାରା ଅଲଗା ହୋଇଯାଇଛନ୍ତି । ହେଲେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଜାରି ରହିବ । ମିଡିଆ ରିପୋର୍ଟ ଅନୁଯାୟୀ, ତାରା ଏବଂ ଆଦର ପ୍ରଥମେ ୨୦୧୮ ମସିହାରେ ଏକ ଦିୱାଲୀ ପାର୍ଟିରେ ସାକ୍ଷାତ ହୋଇଥିଲେ । ସେମାନେ ପ୍ରାୟ ୪ ବର୍ଷ ଧରି ସମ୍ପର୍କରେ ଥିଲେ । ଏହି ସମୟରେ, ସେମାନେ ଅନେକ ସମୟରେ ଏକାଠି ନଜର ଆସିଥିଲେ ।

# ‘ୱାର୍କ ଫ୍ରମ୍ କ୍ରୁଜ୍’ କରିବେ ମେଟା କର୍ମଚାରୀ



କରୋନା ମହାମାରୀ କାରଣରୁ ସାରା ବିଶ୍ୱରେ କର୍ମଚାରୀଙ୍କୁ ଘରୁ କାମ କରିବାର ସୁବିଧା ଦିଆଯାଉଛି । ପୁଣି ଥରେ କରୋନାର ମାମଲା ବୃଦ୍ଧିକୁ ଦେଖି କମ୍ପାନୀମାନେ ଲୋକଙ୍କୁ ୱାର୍କ ଫ୍ରମ୍ ହୋମ୍‌ର ବିକଳ୍ପ ଦିଆଯାଉଛି । ଏହି ସ୍ଥିତିରେ କିଛି କର୍ମଚାରୀ ଉକ୍ତ ଅବସରକୁ ନିଜର ସଉକ ପାଇଁ ବି ବ୍ୟବହାର କରିଥାନ୍ତି । ଏମିତି ହିଁ ଜଣେ ୨୮ ବର୍ଷୀୟ ଫେସ୍‌ବୁକ୍ (ମେଟା) କର୍ମଚାରୀ ଭାବିଛନ୍ତି, ସେ କାମ କରିବା ସହ ପୂରା ଦୁନିଆ ବୁଲିବେ । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାରେ ବି ପଛରେ ନାହାନ୍ତି । ୨୮ ବର୍ଷୀୟ ମେଟା କର୍ମଚାରୀ ଆଷ୍ଟିନ୍ ୱେଲ୍ସ ଏମିତି ତ ସାନ୍ ଡିଏଗୋରେ ରୁହନ୍ତି, କିନ୍ତୁ କମ୍ପାନୀ ପକ୍ଷରୁ ତାଙ୍କୁ ଘରର କାମ କରିବାକୁ ସୁବିଧା ମିଳିଛି । ଏହି କ୍ରମରେ ସେ ଏହାକୁ ବିଶ୍ୱ ବୁଲିବା ସହ କାମ କରିବାର ଅବସର କରି ନେଇଛନ୍ତି । ଘରେ ବସି କାମ କରିବା ବଦଳରେ ଆଷ୍ଟିନ୍ କ୍ରୁଜ୍ ଜାହାଜରେ ରହି କାମ କରିବା ଉପାୟ ଖୁବ୍ ଭଲ ଲାଗିଛି । ସେ କ୍ରୁଜରେ ହିଁ ନିଜର ଆପାର୍ଟମେଣ୍ଟ ବୁକ୍ କରି ନେଇଛନ୍ତି ଏବଂ ସେ ୨-୪ ସପ୍ତାହ ପାଇଁ ନୁହେଁ ଆଗାମୀ ୧୨ ବର୍ଷ ପାଇଁ କ୍ରୁଜ୍‌କୁ ଲିଜ୍‌ରେ ନେଇଛନ୍ତି । ଯେଉଁଠି ଲୋକେ ଗୋଟିଏ ଜବ୍‌ରେ ରହି ବଡ଼ ମୁସ୍କିଲରେ ନିଜ ପାଇଁ ୬୦-୭୦ ଲକ୍ଷ ଟଙ୍କାର ଘର ତିଆରି କରି ପାରନ୍ତି ନାହିଁ, ସେଠାରେ ଫେସବୁକ୍‌ରେ କାମ କରୁଥିବା ଆଷ୍ଟିନ୍ ନିଜ ପାଇଁ ବିଶ୍ୱର ସବୁଠୁ ବିଳାସପୂର୍ଣ୍ଣ କ୍ରୁଜ୍ ଶିପ୍ ଏମଭି ନରେଟିଭ୍‌ରେ ଆପାର୍ଟମେଣ୍ଟ ବୁକ୍ କରିଛନ୍ତି, ତାହା ପୁଣି ୧୨ ବର୍ଷର ଲିଜ୍‌ରେ । ଏଥିପାଇଁ ସେ ୩ ଲକ୍ଷ ଡଲାର ଅର୍ଥାତ୍ ପାଖାପାଖି ୨.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଆଷ୍ଟିନଙ୍କ ଅନୁସାରେ ତାଙ୍କୁ ଏହି ପ୍ରକାରରେ ନା ବାରମ୍ବାର ପ୍ୟାକିଂର ଆବଶ୍ୟକ ପଡ଼ିବ ନା ଟ୍ରେନ୍ ଓ ଫ୍ଲାଇଟ୍‌ର ଟିକେଟ ପାଇଁ ପରିଶ୍ରମ କରିବାକୁ ପଡ଼ିବ, ସେ ୧୨ ବର୍ଷ ପର୍ଯ୍ୟନ୍ତ କ୍ରୁଜ୍‌ରେ ଦୁନିଆ ବୁଲି ଅଫିସର କାମ କରିବେ । ଆଷ୍ଟିନ୍ ସୋସିଆଲ ମିଡ଼ିଆରେ ନିଜର ଏହି ଯୋଜନା ବିଷୟରେ ଲୋକଙ୍କୁ ଜଣାଇଛନ୍ତି, ଯାହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେବା ଆରମ୍ଭ କରି ଦେଇଛନ୍ତି ।

# ଭୂତାଣୁ ଉପରେ ଭାରି ପଡିବ ସୂକ୍ଷ୍ମ ଜୀବ



ଭୂତାଣୁ ନାଁ ଶୁଣିବା ମାତ୍ରେ ଆମ ମନରେ ରୋଗ କଥା ହିଁ ଆସେ । ଅଦୃଶ୍ୟ ହୋଇଥିଲେ ବି ତାହା ବିଭିନ୍ନ ରୋଗର କାରଣ ହୋଇଥାଏ । ସାଧାରଣତଃ ଭୂତାଣୁଜନିତ ରୋଗକୁ ରୋକିବା ପାଇଁ ଟିକା ପ୍ରସ୍ତୁତ କରାଯାଇଥାଏ । ଆଜି ପର୍ଯ୍ୟନ୍ତ ବି ଅନେକ ଭୂତାଣୁଜନିତ ରୋଗ ପାଇଁ ଔଷଧ କିମ୍ବା ଟିକା ଆସିପାରିନାହିଁ । ଏ ଦିଗରେ ବୈଜ୍ଞାନିକମାନେ ଉଦ୍ୟମ ଜାରି ରଖିଥିବାବେଳେ ଏକ ଅଜବ ଧରଣ ସୂକ୍ଷ୍ମ ଜୀବ ଆବିଷ୍କାର କରାଯାଇଛି । ପୋଖରୀରୁ ବିଶେଷଜ୍ଞମାନେ ଏପରି ଏକ ସୂକ୍ଷ୍ମଜୀବ ଖୋଜି ପାଇଛନ୍ତି ଯାହା ଭୂତାଣୁକୁ ଖାଇଥାଏ । ଏହା ହେଲଟ୍ରିଆ ପ୍ରଜାତିର ଏବଂ ତାହାକୁ ସିଲିଏଟ୍ କୁହାଯାଉଛି । ସିଲିଏଟ ଜୀବନ ଧାରଣ ପାଇଁ ବହୁମାତ୍ରାରେ କ୍ଲୋରୋଭାଇରସ୍ ଖାଇଥାଏ ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି । ଆମେରିକାର ନେବ୍ରାସ୍କା-ଲିଙ୍କନ୍ ୟୁନିଭର୍ସିଟିର ଗବେଷକ ଏକ ରିସର୍ଚ୍ଚରେ ପୋଖରୀ ପାଣି ନମୁନାରୁ ସିଲିଏଟକୁ ଖୋଜିଛନ୍ତି । ପୋଖରୀରେ ଥିବା ଏହି ଏକକୋଷୀୟ ଜୀବ ଲକ୍ଷାଧିକ ଭୂତାଣକୁ ଖାଇଯାଇଥାଏ । ଏଥିପାଇଁ ସିଲିଏଟ ନିଜ ଶରୀରର କେଶ ଭଳି ଅଂଶ ସିଲିଆର ବ୍ୟବହାର କରିଥାଏ । ଯାହାଦ୍ୱାରା ଏହା ପାଣିରେ ପହଁରି ଭୂତାଣକୁ ଖୋଜିପାରିଥାଏ । ସିଲିଏଟ ଶରୀର ସାରା ସିଲିଆ ଭର୍ତ୍ତି ହେଇଥାଏ । ସିଲିଏଟ ଶରୀରରେ ଭୂତାଣୁ ସଂକ୍ରମଣର କାରଣ ହେବା ପରିବର୍ତ୍ତେ ପୋଷକ ଭଳି କାମ କରିଥାଏ । କ୍ଲୋରୋଭାଇରସ୍‌କୁ ବୈଜ୍ଞାନିକମାନେ ଭିରୋଭୋରି ଶ୍ରେଣୀରେ ରଖିଛନ୍ତି । ସାଧାରଣତଃ କ୍ଲୋରୋଭାଇରସ୍ ସବୁଜ ଶୈବାଳକୁ ସଂକ୍ରମିତ କରିଥାଏ । ଏଥିଯୋଗୁ ପୋଖରୀ ଭଳି ଜଳାଶୟରେ ଶୈବାଳ ଫୋଟକା ପରି ହେବା ସହ ସେଥିରୁ କାର୍ବନ ବାହାରିଥାଏ । ଏହା ପୋଖରୀରେ ଥିବା ଅନ୍ୟ ଜୀବଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହୋଇଥାଏ । ବିଶେଷଜ୍ଞଙ୍କ ମତରେ ଜୈବଶୃଙ୍ଖଳା ବଜାୟ ରଖିବାରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ।



# ପାଣିରେ ଉଡ଼ିବ ଉଡ଼ନ୍ତା ବୋଟ୍

ବିଶ୍ୱର ପ୍ରଥମ ଉଦ୍‌ଯାନ ଚାଳିତ ଉଡ଼ନ୍ତା ବୋଟ୍ ଜଳ ପୃଷ୍ଠର ୩ଫୁଟ୍ ଉପରେ ଉଡ଼ାଣ କରିବ । ଆସନ୍ତା ବର୍ଷ ଦୁବାଇରେ ଏହାର ନିର୍ମାଣ ହେବ ବୋଲି ଅଧିକାରୀମାନେ ଘୋଷଣା କରିଛନ୍ତି । ବୋଟ୍‌ର ନାଁ ଦିଆଯାଇଛି ‘ଦ ଜେଟ୍’ । ଏହି ଉଡ଼ନ୍ତା ବୋଟ୍ ଦୁଇଟି ଉଦ୍‌ଯାନ ଇନ୍ଧନ କୋଷଦ୍ୱାରା ପରିଚାଳିତ ହେବ, ଯାହା କୌଣସି ଗ୍ୟାସ୍ ନିର୍ଗମନ କରିବ ନାହିଁ । ପାଣିର ଢେଉ ଉପରେ ଆରାମରେ ଗତି କରିବ । ଏହାର ସ୍ୱତନ୍ତ୍ର ପ୍ଲେଟ୍‌ରେ ଉଦ୍‌ଯାନ ଓ ଅମ୍ଳଜାନ ମିଶ୍ରଣ ଦ୍ୱାରା ଉଦ୍‌ଯାନ ଇନ୍ଧନ କୋଷ ବିଦ୍ୟୁତ୍ ଉତ୍ପନ୍ନ କରେ, ଯାହା ଅପେକ୍ଷାକୃତ ବଡ଼ ଇନ୍ଦନ କୋଷ ‘ଷ୍ଟାକ୍’ ସୃଷ୍ଟି ପାଇଁ ମିଶିଥାଆନ୍ତି । ଏହି ଜେଟ୍ ‘ହାଇଡ୍ରୋଫଏଲ୍‌ସ’ ମଧ୍ୟ ବ୍ୟବହାର କରେ । ଜେଟ୍‌ର ଲମ୍ବ ୩୨ ଫୁଟ ଓ ଓଜନ ୬ ଟନ୍ ହେବ । ପାଇଲଟ୍ ଓ ୧୨ ଯାତ୍ରୀଙ୍କୁ ନେବାରେ ଏହା ସକ୍ଷମ । ପାଣି ଉପରେ ଏହାର ବେଗ ପ୍ରତି ଘଣ୍ଟାରେ ୪୬ ମାଇଲ୍ ହେବ । ଯାନ ନିର୍ମାଣ ପାଇଁ ଜେଟ୍‌ର ଡିଜାଇନ୍‌ର ସ୍ୱିଜରଲ୍ୟାଣ୍ଡ୍‌ସ୍ଥିତ ଷ୍ଟାର୍ଟ-ଅପ୍ ‘ଦ ଜେଟ୍ ଜିରୋଏମିସନ୍’ ୟୁଏଇର ଜେନିଥ ମେରାଇନ୍ ସର୍ଭିସେସ୍ ସହିତ ଚୁକ୍ତି କରିଛି । ଆସନ୍ତା ବର୍ଷ ନଭେମ୍ବରକୁ ଏହାର ପ୍ରଥମ ପରୀକ୍ଷଣ ହେବ ।

# ଗୁରୁବାୟୁ ମନ୍ଦିର ସମ୍ପତ୍ତିକୁ ନେଇ ଚର୍ଚ୍ଚା

ଗୁପ୍ତ ଭଣ୍ଡାରରେ ମୂଲ୍ୟବାନ ସମ୍ପତ୍ତି ଠୁଳ ଲାଗି ଚର୍ଚ୍ଚାରେ ଥିବା କେରଳର ପଦ୍ମନାଭ ସ୍ୱାମୀ ମନ୍ଦିର ପରେ ଏବେ ଅନ୍ୟ ଏକ କୃଷ୍ଣ ମନ୍ଦିର ଚର୍ଚ୍ଚାରେ । ସୂଚନା ଅଧିକାର ଆଇନ (ଆରଟିଆଇ)ରେ ମଗାଯାଇଥିବା କେରଳ ଗୁରବାୟୁର କୃଷ୍ଣମନ୍ଦିରର ସମ୍ପତ୍ତି ସୂଚନାରୁ ଏହା ଜଣାପଡିଛି । ଏଥିରେ ମନ୍ଦିର କେବଳ ଭୂ ସମ୍ପତ୍ତି ଓ ନଗଦ ଜମା ରାଶିର ସୂଚନା ଦେଇଛନ୍ତି । ଏଥିରୁ କର୍ତ୍ତୃପକ୍ଷ ମନ୍ଦିର ୨୭୧.୦୫ ଏକର ଜମିର ମାଲିକ ହୋଇଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ମନ୍ଦିରର ୧,୭୩୭,୦୪,୯୦୯୬୧ ଟଙ୍କା ଜମା ଥିବାର ସୂଚିତ କରିଛନ୍ତି । ଗୁରବାୟୁର ଦେଭାସୋଅମ ମନ୍ଦିରରେ ସୁନା ଓ ରୂପା ସମେତ ତମାମ ମୂଲ୍ୟବାନ ସାମଗ୍ରୀ ଥିବାର ମଧ୍ୟ ସ୍ୱୀକାର କରିଛନ୍ତି । ତେବେ ସୁରକ୍ଷାଗତ କାରଣ ଯୋଗୁ ମନ୍ଦିର ପ୍ରବନ୍ଧନ ଏ ବାବଦେ ସୂଚନା ଦେବାକୁ ମନା କରି ଦେଇଛନ୍ତି । ଏହା ଏକ ପ୍ରାଚୀନ ମନ୍ଦିର ଯେଉଁଠି ଭଗବାନ ବିଷ୍ଣୁଙ୍କୁ କୃଷ୍ଣଙ୍କ ରୂପେ ପୂଜା କରାଯାଉଛି । ପ୍ରତିବର୍ଷ ସାରା ଦେଶର ହଜାର ହଜାର ଭକ୍ତ ଗୁରବାୟୁରଙ୍କ ଦର୍ଶନ କରୁଥିବା ବେଳେ ଭକ୍ତ ଠାକୁରଙ୍କୁ ଅନେକ ମୂଲ୍ୟବାନ ସାମଗ୍ରୀ ଭେଟ ଚଢଉଛନ୍ତି । ଗୁରବାୟୁରର ବାସିନ୍ଦା ତଥା ଏକ ସଂସ୍ଥାର ଅଧ୍ୟକ୍ଷ ଏମ.କେ. ହରିଦାସ ଆରଟିଆଇ ଦାୟର କରି ମନ୍ଦିରର ସମ୍ପତ୍ତି ବିବରଣୀ ମାଗିଥିଲେ । ଦେଭସୋଅମ ଏହି ଆରଟିଆଇର ଜବାବରେ ମନ୍ଦିରର ୨୭୦.୦୫୦୬ ଏକର ଜମି ଥିବା ସୂଚିତ କରିଛନ୍ତି । ତେବେ ପ୍ରବନ୍ଧନ ଏପର୍ଯ୍ୟନ୍ତ ମନ୍ଦିରର ଭୂ-ସମ୍ପତ୍ତି ମୂଲ୍ୟ ଆକଳନ କରିନଥିବା କହିଛନ୍ତି । ସେହିପରି ଦେବସୋଅମ ରାଜ୍ୟରେ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନଙ୍କ ସରକାର ଆସିବା ପରଠାରୁ ମନ୍ଦିର ଲାଗି ୧ ଟଙ୍କାର ବି ସହାୟତା କରିନଥିବା କୁହିଛନ୍ତି । ତେବେ ଦେଭସୋଅମ ନିକଟରେ ବ୍ୟାଙ୍କ ଜମା ଓ ଅନ୍ୟ ସମ୍ପତ୍ତି ଥିଲେ ମଧ୍ୟ ଭକ୍ତଙ୍କ ନିମନ୍ତେ କିଛି କରୁନଥିବାର ହରିଦାସ ଅଭିଯୋଗ କରିଛନ୍ତି ।






# ଟାଟା ପାୱାର ପକ୍ଷରୁ ଓଡ଼ିଶାରେ ଅତ୍ୟାଧୁନିକ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର ଶୁଭାରମ୍ଭ, ଉପଭୋକ୍ତା ସେବା ଓ ପରିଚାଳନା ଦକ୍ଷତାରେ ଆସିବ ଉନ୍ନତି

ଭୁବନେଶ୍ୱର (ୟୁଏନ୍‌ଏନ୍): ଟାଟା ପାୱାରର ଓଡ଼ିଶା ଡିସକମଗୁଡ଼ିକ ପାଇଁ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର ଉଦଘାଟନ ଅବସରରେ ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ. ଭି. ସିଂ ଦେଓ, ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଆଇଏଏସ; ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡ. ପ୍ରବୀର ସିହ୍ନା; ଟାଟା ପାୱାରର ଟିଆଣ୍ଡ଼ି ସଭାପତି ସଞ୍ଜୟ ବାଙ୍ଗା ଓ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର କର୍ମଚାରୀ ବୃନ୍ଦ ଭୁବନେଶ୍ୱର: ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟରକୁ ଲୋକାର୍ପିତ କରାଯାଇଛି ଯାହା ବଂଟନ ନେଟୱାର୍କ ପରିଚାଳନା ଓ ପରିଚାଳନା ଉତ୍କର୍ଷରେ ଏକ ଯୁଗାନ୍ତକାରୀ ପଦକ୍ଷେପ।

ଏହି ସେଣ୍ଟରକୁ ଓଡ଼ିଶା ସରକାରଙ୍କ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କେ. ଭି. ସିଂ ଦେଓ ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଆଇଏଏସ ଓ ଟାଟା ପାୱାରର ସିଇଓ ତଥା ଏମ୍‌ଡି ଡକ୍ଟର ପ୍ରବୀର ସିହ୍ନା ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ପାୱାରର ଟିଆଣ୍ଡ଼ି ସଭାପତି ଶ୍ରୀ ସଞ୍ଜୟ ବାଙ୍ଗା, ସମସ୍ତ ଡିସକମ୍ ଯଥା ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଓ ଟିପିଡବ୍ଲୁଓଡିଏଲ୍‌ର ସିଇଓ ଏବଂ ରାଜ୍ୟ ସରକାର ଓ ଟାଟା ପାୱାରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅତ୍ୟାଧୁନିକ ପ୍ରଯୁକ୍ତି ହବ୍‌ରେ ୨୪ ଘଂଟିଆ ପାୱାର ସିଷ୍ଟମ କଂଟ୍ରୋଲ ସେଂଟର (ପିଏସସିସି) ସହିତ ଆଡଭାନ୍ସ ଅପରେସନଲ ଟେକ୍ନୋଲୋଜି (ଓଟି) ଏବଂ ସୂଚନା ପ୍ରଯୁକ୍ତି (ଆଇଟି) ବ୍ୟବସ୍ଥାକୁ ସମନ୍ୱିତ କରାଯାଇଛି ଯାହା ସମଗ୍ର ଓଡିଶାରେ ବାସ୍ତବ ସମୟ ନେଟୱାର୍କ ନିରୀକ୍ଷଣ, ନିରବଚ୍ଛିନ୍ନ ବ୍ୟବସ୍ଥା ପରିଚାଳନା ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବ। ଏହା ସମଗ୍ର ରାଜ୍ୟରେ ନିରବଚ୍ଛିନ୍ନ ସେବା ଯୋଗାଣକୁ ସୁନିଶ୍ଚିତ କରିବା ସହିତ ବିଦ୍ୟୁତ ବିତରଣ ନେଟୱାର୍କର ସ୍ଥିରତାରେ ଉନ୍ନତି ଆଣିବାରେ ସହାୟକ ହେବ।

"ଏହି ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟର ଓଡ଼ିଶାକୁ ଶକ୍ତି ବିତରଣ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ନତ ଭିତ୍ତିଭୂମି ଏବଂ ଜ୍ଞାନକୌଶଳ ସହିତ ଏହା ରାଜ୍ୟ ପାଇଁ ସ୍ଥିର ଏବଂ ବିଶ୍ୱସନୀୟ ଶକ୍ତି ସୁନିଶ୍ଚିତ କରିବ। ଏହା ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ବ୍ୟବସ୍ଥା ପାଇଁ ଆମର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଯାହା ଉଭୟ ଉପଭୋକ୍ତା ଏବଂ ଶିଳ୍ପକୁ ସମର୍ଥନ କରୁଛି। ଓଡ଼ିଶାରେ ବିଦ୍ୟୁତ୍ ବଂଟନକୁ ସୁଦୃଢ଼ କରିବା ଦିଗରେ ଟାଟା ପାୱାରର ଅତୁଟ ପ୍ରତିବଦ୍ଧତାକୁ ମୁଁ ପ୍ରଶଂସା କରୁଛି" ବୋଲି ଉଦ୍‌ଘାଟନ ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କେ. ଭି. ସିଂ ଦେଓ କହିଛନ୍ତି।

ଉନ୍ନତ ନେଟୱାର୍କ ବିଶ୍ୱସନୀୟତା ଏବଂ ସଠିକ ପରିଚାଳନା ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଏହା ଉନ୍ନତ ବିତରଣ ପରିଚାଳନା ପ୍ରଣାଳୀ (ଏଡିଏମଏସ) ସହିତ ସୁସଜ୍ଜିତ। ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ପ୍ରଯୁକ୍ତି, ସମ୍ପତ୍ତି ପରିଚାଳନା ଏବଂ ଉପଭୋକ୍ତା ସୂଚକାଙ୍କକୁ ସୁବ୍ୟବସ୍ଥିତ କରୁଥିବା ବେଳେ ୟୁଟିଲିଟି ଡାଟା ଷ୍ଟ୍ରିମ୍ (ୟୁଡିଏସ୍) ଜିଆଇଏସ୍, ବିଲିଂ ଏବଂ ମିଟର ପରିଚାଳନାର ସମନ୍ୱୟ ମାଧ୍ୟମରେ ଶକ୍ତି ଅଡିଟ୍‌କୁ ସ୍ୱୟଂଚାଳିତ କରିଥାଏ। ଏହା ବାସ୍ତବ ସମୟରେ ପାଣିପାଗ ନିରୀକ୍ଷଣ, ଉପଗ୍ରହ ଯୋଗାଯୋଗ ଏବଂ ପରିଚାଳନାଗତ ନିରନ୍ତରତାକୁ ଆହୁରି ସୁଦୃଢ଼ କରିବ।

ପିଏସସିସି ୩୩ କେଭି ନେଟୱାର୍କ ପରିଚାଳନା କରିଥାଏ, ଯେଉଁଥିରେ ୨୨୪ଟି ସ୍କାଡା-ସମନ୍ୱିତ ପ୍ରାଥମିକ ସବ୍‌ଷ୍ଟେସନ ଏବଂ ସେମାନଙ୍କ ସହ ଜଡିତ ୧୧ କେଭି ଭିତ୍ତିଭୂମି ଅନ୍ତର୍ଭୁକ୍ତ ଯାହା ନେଟୱାର୍କ ବିଶ୍ୱସନୀୟତା ଏବଂ ଦକ୍ଷତାକୁ ସୁଦୃଢ଼ କରୁଛି। ଏହି ସୁବିଧା କେନ୍ଦ୍ରରେ ଏକ ସୁଦୃଢ଼ ଡାଟା ସେଂଟର ରହିଛି ଯେଉଁଥିରେ ୧୦୦ରୁ ଅଧିକ ଥାକ (ରାକ୍) ଏବଂ ୪୦୦ରୁ ଅଧିକ ସର୍ଭର ରହିଛି। ଏହି ଭିତ୍ତିଭୂମି ୱେବସାଇଟ୍, ମୋବାଇଲ୍ ଆପ୍, କଲ୍ ସେଂଟର ଏବଂ ବିଲିଂ ସିଷ୍ଟମ୍ ପରି ଗୁରୁତ୍ୱପୂର୍ଣ୍ଣ ଉପଭୋକ୍ତା ସେବାକୁ ସମର୍ଥନ କରୁଛି।

ବୈଷୟିକ ଦକ୍ଷତା ବ୍ୟତୀତ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ପାଇଁ ବିପର୍ଯ୍ୟୟ ପୁନରୁଦ୍ଧାର ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଏହି କେନ୍ଦ୍ର। ଏହି ପିଏସସିସି ଟିପିସିଓଡିଏଲ ପାଇଁ ମୁଖ୍ୟ ନିୟନ୍ତ୍ରଣ କେନ୍ଦ୍ର (ଏମସିସି) ଏବଂ ଟିପିଡବ୍ଲୁଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଏନଓଡିଏଲ ପାଇଁ ବ୍ୟାକଅପ୍ କଂଟ୍ରୋଲ ସେଂଟର (ବିସିସି) ଭାବରେ କାର୍ଯ୍ୟ କରିବ ଯାହା କୌଣସି ସମ୍ଭାବ୍ୟ ବାଧା ସମୟରେ ବ୍ୟବସାୟର ନିରନ୍ତରତାକୁ ସୁନିଶ୍ଚିତ କରିବ। ସେହିଭଳି ସମ୍ବଲପୁରରେ ଥିବା ବିସିସି ସମଗ୍ର ଓଡ଼ିଶାରେ ନିରବଚ୍ଛିନ୍ନ ସେବା ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ବିତରଣ ବ୍ୟବସାୟ ହାତକୁ ନେବା ପରଠାରୁ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡ଼ିକ ବିଶ୍ୱସନୀୟ ଏବଂ ସ୍ଥାୟୀ ଶକ୍ତି ଯୋଗାଇବା ପାଇଁ କ୍ରମାଗତ ଭାବରେ ସେମାନଙ୍କ ଭିତ୍ତିଭୂମିରେ ଉନ୍ନତି ଆଣିଛନ୍ତି। ଉନ୍ନତ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରକୁ ସ୍ଥାନାନ୍ତର ଉପଭୋକ୍ତା ଏବଂ ଅଂଶୀଦାରଙ୍କ ଲାଭ ପାଇଁ ଉନ୍ନତ ଜ୍ଞାନକୌଶଳର ଉପଯୋଗ କରିବାକୁ ରହିଥିବା କମ୍ପାନିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ପ୍ରଯୁକ୍ତି କେନ୍ଦ୍ର ଉଦ୍‌ଘାଟନ ଟାଟା ପାୱାର ଓଡ଼ିଶା ଡିସକମ୍‌ର ପ୍ରଯୁକ୍ତିଭିତ୍ତିକ ସୁଦୃଢ଼ ବିଦ୍ୟୁତ ବିତରଣ ବ୍ୟବସ୍ଥା ସୃଷ୍ଟି କରିବାର ସାମୂହିକ ଲକ୍ଷ୍ୟକୁ ଦର୍ଶାଉଛି। ଏହି ଅତ୍ୟାଧୁନିକ ସୁବିଧା ଓଡ଼ିଶା ଡିସକମଗୁଡ଼ିକ ଦେଶର ଅନ୍ୟତମ ଅତ୍ୟାଧୁନିକ ଡିସକମରେ ପରିଣତ କରିବାରେ ସହାୟକ ହେବ ଏବଂ ରିୟଲ୍ ଟାଇମ୍ ନେଟୱାର୍କ ମନିଟରିଂ ଏବଂ ନିରବଚ୍ଛିନ୍ନ ପରିଚାଳନା ମାଧ୍ୟମରେ ୫ କୋଟିରୁ ଅଧିକ ଉପଭୋକ୍ତାଙ୍କୁ ସେବା ଯୋଗାଇବ।



# କୋଇଡା ପ୍ରେସକ୍ଲବର ୧୦ ଦିବସୀୟ ୨ ୟ ବାର୍ଷିକୋତ୍ସବ ରାଜ୍ୟ ଉପବାଚସ୍ପତିଙ୍କ ଦ୍ୱାରା ଶୁଭ ଉଦ୍ଘାଟିତ

କୋଇଡା - : ଶୁକ୍ରବାର ଦିନ କୋଇଡା ପ୍ରେସ କ୍ଲବ୍ ଆନୁକୁଲ୍ୟରେ ୧୦ ଦିବସୀୟ ୨ ୟ ବାର୍ଷିକୋତ୍ସବ ଏବଂ ସ୍ୱଦେଶୀ ମେଳାର ଶୁଭାରମ୍ଭ ହୋଇଛି ।ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ପୂର୍ବାହ୍ନ ସକାଳ ୯.୩୦ ଘଟିକାରେ ପ୍ରେସ କ୍ଲବ୍ ଆନୁକୁଲ୍ୟରେ ଏକ ବିଶାଳ ମାରାଥନ୍ 'ରନ୍ ଫର୍ କୋଇଡା' ଅନୁଷ୍ଠିତ ହୋଇଥିଲା ।ଏହାକୁ କୋଇଡା ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା,ପ୍ରାକ୍ତନ କଂଗ୍ରେସ ବିଧାୟକ ଜନାର୍ଦ୍ଦନ ଦେହୂରୀ ଏବଂ ପ୍ରାକ୍ତନ ବିଜେଡି ବିଧାୟକ ଭୀମସେନ ଦେହୂରୀ ପ୍ରମୁଖ ଯୋଗଦେଇ ଜଗନ୍ନାଥ ମନ୍ଦିର ଏବୂ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ମାରାଥନ୍ ' ରନ୍ ଫର୍ କୋଇଡା' ର ଶୁଭାରମ୍ଭ କରିଥିଲେ । ପରେ ସଂନ୍ଧ୍ୟାରେ ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବଣ, ଜଙ୍ଗଲ,ନଦୀ,ନାଳ,ଘେରା ଲୌହଖଣି ଅଂଚଳ କୋଇଡା ଜଗନ୍ନାଥ ମନ୍ଦିର ସନ୍ନିକଟ ମେଲଣ ପଡ଼ିଆରେ କୋଇଡା ପ୍ରେସ କ୍ଲବର ୧୦ ଦିବସୀୟ ୨ ୟ ବାର୍ଷିକୋତ୍ସବ ଶୁକ୍ରବାର ଦିନ ସଂଧ୍ୟାରେ ମୁଖ୍ୟ ଅତିଥି ରାଜ୍ୟ ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇଙ୍କ କରକମଳରେ ରଙ୍ଗାରଙ୍ଗ ପରିବେଶରେ ଶୁଭ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ମେଲଣ ପଡିଆ ଫାଟକ ପାଖରେ ଫିତାକାଟି




ପ୍ରେସ କ୍ଲବର ବାର୍ଷିକୋତ୍ସବ ଶୁଭ ଉଦ୍ଘାଟନ କରିଥିଲେ ।ତାଙ୍କ ସହିତ ପିଏସ ନିରଞ୍ଜନ ସାହା ,କୋଇଡା ଭାରାପ୍ରାପ୍ତ ତହସିଲଦାର ଆଶିଷ ସାହୁ ,କୋଇଡା ପ୍ରେସ କ୍ଲବ୍ ସଭାପତି ସଂଗ୍ରାମ କେଶରୀ ନାଏକ, ସଂପାଦକବିଜୟାନନ୍ଦ ଜେନା( ବୁବୁ)ଙ୍କ ସମେତ ଗଣ ମାଧମ ପ୍ରତିନିଧିସମୂହ ସାମିଲ ହୋଇଥିଲେ । ପରେ ସାମ୍ବାଦିକ ବଂଧୁମାନେ ଅତିଥିବୃନ୍ଦଙ୍କୁ ମଂଚ ଉପରକୁ ପାଛୋଟି ନେଇଥିଲେ । ମୁଖ୍ୟ ଅତିଥି ଗଣେଶ ପୂଜନ ଓ ଭାରତମାତାଙ୍କ ଫଟୋ ରେ ପୁଷ୍ପମାଲ୍ୟ ଦେଇ ନଡ଼ିଆ ଫଟାଇ କୋଇଡା ପ୍ରେସ କ୍ଲବର ଶୁଭାରମ୍ଭ କରିଥିଲେ । ପ୍ରେସ କ୍ଲବ ତରଫରୁ ଅତିଥିବୃନ୍ଦ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।ପ୍ରେସ କ୍ଲବର ସଭାପତି ସଂଗ୍ରାମ କେଶରୀ ନାୟକ କୋଇଡା ମାଟିରେ ଦୁଇ ବର୍ଷ ତଳେ ଏକ ଛୋଟ ଗଛଟିଏ ଭାବେ ପୋତା ହୋଇଥିଲା ।ଧୀରେ ଧୀରେ ଏହା ଏକ ବଡ଼ ଦ୍ରୁମ ହେବାକୁ ଯାଉଛି ।ଦିର୍ଘ ଦୁଇ ବର୍ଷ ହେଲା କୋଇଡା ପ୍ରେସ କ୍ଲବ୍ କୋଇଡା ଅଂଚଳର ଆଂଚଳିକ ସମସ୍ୟା ସହିତ ଲଢ଼ିବା,ସମସ୍ୟାକୁ ଗଣମାଧମରେ ପ୍ରକାଶନ କରି ସରକାର, ରାଜନେତା,ବୁଦ୍ଧିଜିବୀ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନଜରକୁ ଆଣି ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବା ସହ ବହୁ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇଛି । ସାମ୍ବାଦିକ ବଂଧୁ ମାନଙ୍କର ପ୍ରଚେଷ୍ଟାରେ ଏବଂ ଅଂଚଳ ବାସୀଙ୍କ ଆଶୀର୍ବାଦରେଏହି କ୍ଲବ ଆଗକୁ ଆଗ ବଢି ଚାଲିଛି । ତଦସହ ଚଳିତ ବର୍ଷ ୧୦ ଦିବସୀୟ ସ୍ୱଦେଶୀ ମେଳା ଆୟୋଜନ କରିଛି । ଯେଉଁଠାରୁ ସ୍ୱଳ୍ପ ମୂଲ୍ୟରେ ଅଂଚଳବାସୀ ସୁଦୂର ଯୋଡ଼ା,ବଡ଼ବିଲ,କେନ୍ଦୁଝର,ରାଉରକେଲା ନ ଯାଇ ହାତପାଆନ୍ତାରେ ଭାରତର ବିଭିନ୍ନ ଉଦ୍ୟୋଗ ପତି, ସ୍ୱୟଂ ସହାୟିକା ଗୋଷ୍ଠୀ,ସମବାୟ ସମିତିଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ଜିନିଷ ସୁଲଭ ମୂଲ୍ୟରେ ପାଇଁ ପାରିବେ ବୋଲି କହିଥିଲେ । ସେହିଭଳି ପ୍ରେସ କ୍ଲବ ସଂପାଦକ ବୁବୁ ଜେନା ରାଜ୍ୟ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କୋଇଡା ମାଟିରେ କୋଇଡା ପ୍ରେସ କ୍ଲବର ବାର୍ଷିକ ଉତ୍ସବରେ ପାଦ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ମୁଖ୍ୟ ଅତିଥି କହିଥିଲେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଭାରତ ତଥା ଓଡ଼ିଶାରେ ପ୍ରସ୍ତୁତ ପୋଷାକ,ଖାଦ୍ୟ,ମସଲା,ମୋବାଇଲ ଯେକୌଣସି ପ୍ରସ୍ତୁତ ନିର୍ମାଣ କାରୀ ଏବଂ ବ୍ୟବହାରକାରୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ବିଦେଶୀ ଚାଇନା ପ୍ରସ୍ତୁତ ଜିନିଷକୁ ବର୍ଜନ କରି ଭାରତୀୟ ସ୍ୱଦେଶୀଙ୍କ ଦ୍ୱାରା ପ୍ରସ୍ତୁତ ବ୍ୟବହାର ପାଇଁ ଧ୍ୟାନ ଦେଉଛନ୍ତି । ତେଣୁ ଏହି ସ୍ୱଦେଶୀ ମେଳାର ମୁଖ୍ୟ ଉଦ୍ଦେଶ୍ୟ ସ୍ୱଦେଶୀ ଜିନିଷ ବ୍ୟବହାର କର ବିଦେଶୀ ଜିନା ତ୍ୟାଗ କର ।କୋଇଡା ପ୍ରେସ କ୍ଲବ କୋଇଡା ଅଂଚଳର ଜନସେବା, ସ୍ୱାସ୍ଥ୍ୟ ସେବା,ବୃକ୍ଷ ରୋପଣ,ସଡ଼କ ସୁରକ୍ଷା,କ୍ରୀଡା ବିକାଶ, ରକ୍ତଦାନ,ଅସହାୟ ଅନାଥ ପିଲାମାନଙ୍କୁ ପାଠପଢା ସାମଗ୍ରୀ ପ୍ରଦାନ,ଗ୍ରୀଷ୍ମ ଦିନେ ଜଳଛତ୍ର ବ୍ୟବସ୍ଥା ,ପୂଜ୍ୟପୂଜାଙ୍କୁ ସମ୍ବର୍ଦ୍ଧିତ କରିବା ଭଳି ବହୁ ସାମାଜିକ କାର୍ଯ୍ୟକ୍ରମରେ ଲିପ୍ତ ଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ । ସରକାର ସବୁବେଳେ ସାମ୍ବାଦିକ ମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଅଛନ୍ତି ।କୋଇଡା ପ୍ରେସ କ୍ଲବ୍ ଆଗକୁ ବଢୁ ବୋଲି କହିଥିଲେ ।ପରେ ମୁଖ୍ୟ ଅତିଥି ୪ ଜଣ ଶ୍ରେଷ୍ଠ ମାରାଥାନକାରୀଙ୍କୁ କପ୍ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ସେହିଭଳି ସ୍ୱଦେଶୀ ମେଳା ଆୟୋଜନ କରିଥିବାରୁ ଅଂଚଳ ବାସୀଙ୍କୁ ବିଭିନ୍ନ ସଂସ୍ଥା ତରଫରୁ ଦେଶୀୟ ପ୍ରସ୍ତୁତ ପୋଷାକ,ଆଚାର,ବ୍ୟାଗ,ଖାଦ୍ୟ, ବଡ଼ିପାମ୍ପଡ, ମିଲେଟ ଖାଦ୍ୟ,ଆୟୁର୍ବେଦିକ ଔଷଧ, ଉପରେ ସଚେତନ କରାଇବା ଏବଂ ସ୍ୱଦେଶୀ ସାମଗ୍ରୀ କ୍ରୟ କରିବା ନେଇ ଏହି ମେଳା ଆୟୋଜନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।ପରେ ରାଉରକେଲାର ବିଖ୍ୟାତ ଅଷ୍ଟଲକ୍ଷ୍ମୀ ନୃତ୍ୟ ଅନୁଷ୍ଠାନ ତରଫରୁ ଓଡ଼ିଶୀ, ଆଦିବାସୀ ଲୋକନୃତ୍ୟ,ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା ।

# ସୋହେଲା, ଘେଁସ ଟାଟା ପାୱାର ବିଦ୍ୟୁତ ଗ୍ରୀଡ଼ ଅଫିସରେ କର୍ମଚାରୀଙ୍କ ଦାଦାଗିରି



: ବେହେରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆପାଲି ଗ୍ରାମ ର ସୁରେଶ ଭୋଇ ଙ୍କୁ ମରଣାତ୍ମକ ଆକ୍ରମଣ କରିଛନ୍ତି ଟାଟା ପାୱାର କମ୍ପାନୀ କର୍ମଚାରୀ ମାନେ। ନୂଆପାଲି ରେ ମାଁ ମଙ୍ଗଳା ପାଣିପାଞ୍ଚାୟ ର ଲାଇନ ବିଲ ପୈଠ କରିବାକୁ ଯାଇଥିଲେ କହ୍ନେଇ ଭୋଇ ଆଗରୁ ଭାଇ ସୁରେଶ ଭୋଇ ହ ର ସହିତ କଥା ଲାଗିଥିଲେ ଯେ ୮ ହଜାର ଟଙ୍କା ଦେବା ପାଇଁ ଅଫିସ ଗଲା ବେଳେ ଅନ୍ୟ ଅଫିସର ମନୋଜ ପାତ୍ର ୧୬ ହଜାର ଦେବା ପାଇଁ କହିଲେ ସେଠାରୁ ଭାଇ ସୁରେଶ କୁ ଫୋନ କରିବାରୁ ସୁରେଶ ଅଫିସ ଆସିଥିଲେ ପରେ ଲାଇନ ମେନ ଶେଷ କୁମ୍ଭାର ଙ୍କ ସହିତ କଥା ହେବା ପାଇଁ ମନୋଜ କହିଲେ ଲାଇନମେନ ୧୦ ହଜାର ଦେବା କୁ କହିଲେ, ପରେ ସେହି ହ ର ୩୬ ହଜାର ଟଙ୍କା ନ ଦେଲେ ହେବ ନାହିଁ କହିବାରୁ ଚାଷୀଙ୍କୁ କାହିଁକି ହଇରାଣ କରାଯାଉଛି ବୋଲି ପ୍ରଶ୍ନ କରିବାରୁ ମନୋଜ ଏବଂ ଦୁଃଖିଶ୍ୟାମ ପଟେଲ ଏବଂ ଅନ୍ୟ ସାଥିମାନେ ଗୋଡ଼ାଇ ଗୋଡ଼ାଇ ଠେଙ୍ଗାରେ ବାଡେଇ ପିଟିଛନ୍ତି ଏପରିକି ଆଖି ପାଖରେ ଗଭୀର ଦାଗ ଲାଗିଛି। ଏହି ଘଟଣା ମେଲଛାମୁଣ୍ଡା ଥାନା ରେ ଋଓଜ ମଧ୍ୟ ହୋଇଛି। ପରେ କୃଷକ ସଂଗଠନ ପକ୍ଷ ରୁ ତୀବ୍ରନିନ୍ଦା କରାଯାଇ ଏବଂ ୪୮ ଘଣ୍ଟା ମଧ୍ୟରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ଦୁର୍ବାର ଆନ୍ଦୋଳନ କରିବା ପାଇଁ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି।

# ଶୈଳଭାଷା ପାଠକାର୍ପିତ



ଭୁବନେଶ୍ୱର- ତେଲଲୁଣ ଦୁନିଆର ନାନାବିଧ ଜଂଜାଳ ଭିତରେ ଜଣେ ସାଧାରଣ ଗୃହିଣୀ କିପରି ଅସାଧାରଣ ସୃଜନଶୀଳତାର ନିଦର୍ଶନ ହୋଇପାରନ୍ତି, ନିଜର ଚିନ୍ତା ଚେତନା ଭିତରେ କିପରି ଜଣେ ଏ ବିପଥମୁଖି ସମାଜରୁ କେବଳ ପଥମୁଖି ପରିଦୃଶ୍ୟକୁ ନିଜ କବିତା ମାଧ୍ୟରେ ସରଳ ସାବଲିଳ ଭାଷାରେ ପରିପ୍ରକାଶ କରିପାରନ୍ତି ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ଶୈଳଭାଷା ।ଭୁବନେଶ୍ୱର କ୍ଲବରେ କବି ଶୈଳବାଳା ଦାସଙ୍କ କବିତା ସଂକଳନ ଶୈଳଭାଷାକୁ ପାଠକାର୍ପିତ କରି ମୁଖ୍ୟ ଅତିଥି ଓଡ଼ିଶାର ପ୍ରସିଦ୍ଧ ଲେଖକ, ଚିନ୍ତକ ତଥା ଶିକ୍ଷାବିତ୍ ଅଧ୍ୟାପକ ବିଶ୍ୱରଂଜନ ଏପରି ମତବ୍ୟକ୍ତ କରିଛନ୍ତି । ନୂଆଦିଲ୍ଲୀର ପଲ୍ଲିବାଣୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି କବିତା ସଂକଳନର ଉନ୍ମୋଚନ ଉତ୍ସବର ଶୁଭାରମ୍ଭ କବିଙ୍କ ପୁତ୍ର ନବଜ୍ୟୋତି ଦାସଙ୍କ ସ୍ୱାଗତ ଅଭିଭାଷଣରୁ ଆରମ୍ଭ ହୋଇଥିଲା । ଏହି ଉତ୍ସବରେ ବିଶିଷ୍ଟ ଚିକିତ୍ସକ ତଥା ଲେଖିକା ଡକ୍ଟର ସେବା ମହାପାତ୍ର, ବୋଉ ଫାଉଣ୍ଡେସନର ଅଧ୍ୟକ୍ଷ ଅତିସ ମହାନ୍ତି, ଲେଖକ ଏବଂ ଶିକ୍ଷାବିତ ଡକ୍ଟର ବ୍ରଜସୁନ୍ଦର ମିଶ୍ର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ଡକ୍ଟର ଶଶାଙ୍କ ଗ୍ରହାଚାର୍ଯ୍ୟ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବା ବେଳେନୂଆଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲର ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ତଥା ଲେଖକ ଡକ୍ଟର ଅଭୟ କୁମାର ଦାଶ ଶୈଳଭାଷାରେ ସ୍ଥାନିତ କେତେକ କବିତା ଉପରେ ଆଲୋକପାତ ଏବଂ ସମୀକ୍ଷା କରିଥିଲେ ।ନିଜେ କବି ଶୈଳବାଳା ଦାସ ତାଙ୍କ ସୃଜନଶୀଳଜୀବନରେ ସାହିତ୍ୟର ଭୂମିକା କଣ ଥିଲା ତାହା ଖୁବ୍ ମର୍ମସ୍ପର୍ଶୀ ଭାବରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ପ୍ରକାଶକ ରାମଚନ୍ଦ୍ର ନାଥଙ୍କ ସଂନ୍ଦେଶ ପାଠ କରାଯାଇଥିଲା ଏବଂ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଡିପିଏସ ଦାମନଯୋଡିର ପୂର୍ବତନ ପ୍ରିନ୍ସିପାଲ ତଥା ଲେଖିକା ଦ୍ୱୀପାନ୍ୱିତା ଦାସ । ଭୁବନେଶ୍ୱରର ନାତିଶୀତୋଷ୍ଣ ପାଗରେ ଏହି ପାଠକାର୍ପଣ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ କବିଙ୍କ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜାନୁୟାରୀ ମ ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ

ଭୁବନେଶ୍ୱରର ୪୫ ୪୫ତମ ପ୍ରତିଷ୍ଠା ଦିବସ, କିଏସଏସ ନଜରରେ ମା' ରୀ ମାସ ୧୭ ତାରିଖରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱାମୀ ଶ୍ରୀ ବ୍ରହ୍ମାନନ୍ଦ ସରସ୍ୱତ ସ୍ୱତୀ ମହାରାଜ ଉଦ୍ ?ଘାଟକ ଭାବରେ ଯୋଗଦେଲି କ୍ଷ ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୫ତମ ପ୍ରତିଷ୍ଠା ଦିବସ ମୁଖ୍ୟଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ର.ଗୋକୁଳାନନ୍ଦ ଦାସ ଯୋଗଦେଇ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଆଲୋଚକ ଡ.ଅସିତ ମହାନ୍ତି ଯୋଗଦେଇ ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ଓଡ଼ିଶାର ଗୌରବ ବର୍ଦ୍ଧନ କରିଥିବା ଡାକ୍ତର ମହେନ୍ଦ୍ର କୁମାର ତ୍ରିପାଠୀ, ଶ୍ରୀଯୁକ୍ତ ପ୍ରସାଦ କୁମାର ହରିଚନ୍ଦନ, ଶ୍ରୀଯୁକ୍ତ




ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଶ୍ରୀଯୁକ୍ତ ପ୍ରବୀର କୁମାର ପଟ୍ଟନାୟକ, ଶ୍ରୀଯୁକ୍ତ ବିଜୟ କୁମାର ମହାପାତ୍ର ଓ ପ୍ରତିଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ଶ୍ରୀଯୁକ୍ତ ଅଲେଖ କୁମାର ଦାସଙ୍କୁ ମାନପ ତ୍ର, ଉ ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠାନ ତରଫରୁ ମାଦଳାପାଞ୍ଜି, ଚଇନି ଚକଡ଼ା, ଉଡ୍ର ରାଜବଂଶାବଳୀ ଓ ଜୟବିଜୟ ଶିଳାଲେଖକୁ ସଂକଳିତ କରି "ମାଦଳାପାଞ୍ଜି ଓ ପ୍ରାଚୀନ ଗଦ୍ୟସୌରଭ" ନାମରେ ପ୍ରକାଶିତ କରାଗଲା । ପ୍ର.ସୁରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅନେକ ଗବେଷକ, ସାହତ୍ୟିକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ପ୍ର. ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀର ମୋହନ ଜୟନ୍ତୀ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ

ଜୟପୁର, : କୋରାପୁଟ ଜିଲ୍ଲା ଜୟପୁରଏକ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ବସୁମତୀ ସାହିତ୍ୟ ସଂସଦ ତରଫରୁ ଫକୀର ମୋହନ ଜୟନ୍ତୀ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥି ବୃନ୍ଦଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ବନିତା ଏକଟିଭିଟି ପ୍ଲେ ସ୍କୁଲର ଛାତ୍ର ଛାତ୍ରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ । ଇଞ୍ଜିନିୟର ଅନିଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ରମେଶ ଚନ୍ଦ୍ର ମିଶ୍ର, (ସେବା ନିବୃତ୍ତ ଉପ ମହା ପ୍ରବନ୍ଧକ, ନାଲକୋ ତଥା ଆଇନଜୀବୀ ଉଚ୍ଚନ୍ୟାୟାଳୟ, ଓଡ଼ିଶା),କାର୍ଯ୍ୟକ୍ରମର ଉଦଘାଟକ ତଥା ବିଶିଷ୍ଟ ଅତିଥିଭାବେ ଶ୍ରୀଯୁକ୍ତ ରବିନାରାୟଣ



ନନ୍ଦ ପୂର୍ବତନ ଶିକ୍ଷା ମନ୍ତ୍ରୀ ଓଡିଶା ସରକାର,ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଜୟପୁର ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ଦାଶ , ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଗଣେଶ ଆଚାର୍ଯ୍ୟ (ସମାଜସେବୀ କୋଟପାଡ଼), ସମ୍ମାନୀତ ବକ୍ତା ଆଇନଜୀବୀ ଶ୍ରୀଯୁକ୍ତ ମନୋଜ କୁମାର ଆଚାର୍ଯ୍ୟ ଓ ସମ୍ମାନିତ ସ୍ୱତନ୍ତ୍ର ବକ୍ତା ଗୌରୀ ପ୍ରସାଦ ପଟ୍ଟନାୟକ, ଯୋଗଦାନ କରି ଆଲୋଚ୍ୟ ପ୍ରସଙ୍ଗ ସମାଜ ସଂସ୍କାର ପାଇଁ ଫକୀର ମୋହନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଜୟପୁରର ଛାତ୍ର ଓଡିଶା ରାଜସ୍ୱ ସେବାରେ ସଫଳତା ହାସଲ କରିଥିବା ଚିନ୍ମୟ ଭୂଷଣ ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର କବି ଓ କବୟିତ୍ରୀବୃନ୍ଦ ଉପସ୍ଥିତରହି ସ୍ୱ ରଚିତ କବିତା ପାଠ କରିଥିଲେ ।ଏହି କାର୍ଯ୍ୟକ୍ରମରେ କବି କନକଲତା ରଥ,ରିତାଞ୍ଜଳୀ ଡାକୁଆ,କୃଷ୍ଣଚନ୍ଦ୍ର ହୋତା, ଭଗବାନ ସାବତ, ଡ. ସବିତା ଶତପଥୀ, ତପସ୍ୱିନୀ କୁମାରୀ ସାହୁ, ସଂଯୁକ୍ତା ରାଉତ,କବିତା ସାହୁ, ସନ୍ତୋଷ କୁମାର ସାହୁ, ସରୋଜିନୀ ତ୍ରିପାଠୀ, ଶାନ୍ତନୁ କୁମାର ସାମଲ, ଘାସିରାମ ମହାପାତ୍ର,ଡ. ହରିହର କରସୁଧା ପଟ୍ଟନାୟକ,ଡ. ସ୍ୱାତୀ ଚାଟାର୍ଜି,ଡ. ରମେଶ ଚନ୍ଦ୍ର ଦାଶ, ହରପ୍ରିୟା ଷଡ଼ଙ୍ଗୀ,ଡ. ଏନ. ଦାଶରଥୀ,ଭାବଚନ୍ଦ୍ରିକା ଦେବୀ, ଦେବେନ୍ଦ୍ର କୁମାର ରାଜୁ, କୋଟିଆରନ୍ ବଂଶୀଧର ମହାରଣା,କୁନା ମହାପାତ୍ର, ଭଗବାନ ସାବତ, କବିତା ସାହୁ, ଗୀତାଞ୍ଜଳି ସାହୁ, ଶୁଭସ୍ମିତା ସାହୁ, ସନ୍ଧ୍ୟାରାଣୀ ସାହୁ, ପ୍ରପର୍ଣ୍ଣ ପାଣିଗ୍ରାହୀ, ସୂର୍ଯ୍ୟମଣି ନିଶଙ୍କ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରମଣି ବାରିକ ଅତିଥି ପରିଚୟ ଏବଂ ସଂପାଦକୀୟ ବିବରଣୀ ପାଠ କରିଥିଲେ ।କବି ମୁଦିରଥ ହୋତା ବେଦପାଠ କରିଥିଲେ ଏବଂ କବି ଡ.ଯଜ୍ଞେଶ୍ୱର ପଣ୍ଡା ଅତିଥି ଆମନ୍ତ୍ରଣ ଓ ମଞ୍ଚ ପରିଚାଳନା କରିଥିଲେ । ସମାଜସେବୀ ତାପସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦୀତ୍ୱିୟ ଚରଣରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ସୁଦର୍ଶନ ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଭାବେ ଡ. ଅଶୋକ କୁମାର ମହାନ୍ତି ଏବଂ ସଂଯୁକ୍ତା ରାଉତ ଯୋଗଦାନ କରି କବିତାଗୁଡିକୁ ସଂଯୋଜନା କରିଥିଲେ।

# କୋମନା ରେଞ୍ଜ ପକ୍ଷରୁ ପକ୍ଷୀଗଣନା ମକଡ୍ରିଲ ଓ ସଚେତନତା



କୋମନା:- : ନୂଆପଡା ଜିଲ୍ଲା କୋମନା ରେଞ୍ଜ ଅନ୍ତର୍ଗତ ତିଖାଳି ଡ୍ୟାମ ନିକଟ ବର୍ତ୍ତୀ ବେଲଗାଁ ଠାରେ କୋମନା ରେଞ୍ଜର ଦେବଦତ୍ତ ସୁତାରଙ୍କ ନେତୃତ୍ୱରେ ବେଲଗାଁ ଆଶ୍ରମ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପକ୍ଷୀଗଣନା ନେଇ ମକଡ୍ରିଲ ଓ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ଓ ଏଥିରେ ବନ କର୍ମଚାରୀ,ଛାତ୍ର ଛାତ୍ରୀ, ପ୍ରକୃତି ପ୍ରେମୀ, ସାମ୍ବାଦିକ ସାମିଲ ହୋଇଥିଲେ ଓ ଏହି ଅବସରରେ ଦୂର ବିକ୍ଷଣ ଯନ୍ତ୍ର, ବାଇନା କୁଲାର ଯନ୍ତ୍ର ଦ୍ୱାରା ଦୂର ସ୍ଥାନରେ ରହିଥିବା ପକ୍ଷୀ ଗୁଡିକକୁ ଛାତ୍ରୀ ଛାତ୍ରୀ, ବନ କର୍ମଚାରୀ ଦେଖିଥିଲେ ଓ ଫରେଷ୍ଟର ସମୀରକାନ୍ତ ଠାକୁର, ଲକ୍ଷ୍ମୀକାନ୍ତ ଘିବେଲା, ଜୟ ଲାଲ ଶୁକ୍ଲା, ଗୋପାଳ ମହାନନ୍ଦ,ଫରେଷ୍ଟ ଗାର୍ଡ ପରେଶ ଧରୁଆ, ଉତ୍ତମ ମେହେର, ଶଶୀଧର ଟାଣୀ, ଯାଜ୍ଞସେନୀ କ୍ଷେତି, ଅର୍ଚନା, ଓ ବନ କର୍ମଚାରୀ, ବେଲଗାଁ ଆଶ୍ରମ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୩୦**

# ସେବା ଓ ସାହାଯ୍ୟର ପର୍ବ – ଇଦୁଲ୍ ଫିତର


ମୌଲାନା ଫଜଲ ହକ ଖାନ୍

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟୀକ ସ୍ନେହ,ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି । ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଓ ସଂଦେଶ ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ । ସେବା ଓ ସାହାଯ୍ୟର ପର୍ବ ହୋଇଥାଏ । ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ । ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ । ପରକୁ ନିଜର କରିନେବାର ପର୍ବ ହୋଇଥାଏ । ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ । ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ । ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ । ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ । ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ । ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକ ପରିଧାନ କରିଥାନ୍ତି । ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଃଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି । ଧର୍ମଗୁରୁ ବିଷେଶ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜ୍ଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି,ଭାଇଚାରା,ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା,ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି । ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି ।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ୍ୟ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତୃତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ । ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ ପ୍ରେମ କରେ ନାହିଁ । ରମଜାନ ଅ । ମ କ ସ୍ନେହ,ସୌହାର୍ଦ୍ଦ୍ୟ,ସମ୍ମାନ,ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା । "**ହିନ୍ଦ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହେଁ ଭାଇ ଭାଇ /ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !**" ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍ ।

**ମଙ୍ଗଳାବାଗ-କଟକ**
**୯୬୯୨୨୨୫୦୫୭**

# ସଂରକ୍ଷଣ: ରାଷ୍ଟ୍ର ହରାଇଛି କେତେ ଓ ପାଇଛି କେତେ ?


ଗୋପାଳ ମହାପାତ୍ର

ସାମାଜିକ ନ୍ୟାୟର ଦ୍ୱାହି ଦେଇ ଯେଉଁ ସଂରକ୍ଷଣ ପ୍ରସଙ୍ଗ ୨୦୨୪ର ଲୋକସଭା ନିର୍ବାଚନରେ ପ୍ରସଙ୍ଗ ପାଲଟିଛି ତାର ପ୍ରଭାବ ବ୍ୟାପକ ଭାବେ ପଡ଼ିବ ବୋଲି ଜଣାପଡ଼ିଗଲାଣି । ଇଣ୍ଡିଆ ମେ ର ନେତାମାନେ ନିର୍ବାଚନୀ ଭାଷଣରେ ମୁସଲମାନଙ୍କୁ ସଂରକ୍ଷଣ ଦିଆଯିବା ନେଇ ଓକିଲାତି କରିବାରେ ଲାଗିଛନ୍ତି । ନିକଟରେ କୋଲକତା ହାଇକୋର୍ଟ ଏକ ଐତିହାସିକ ନିଷ୍ପ ି କ୍ରମେ ୨୦୧୦ ପରେ ମୁସଲିମ ସମୁଦାୟର ୭୭ଟି ବର୍ଗର ଓବିସି (ଅନ୍ୟ ପଛୁଆ ବର୍ଗ) ଙ୍କୁ ଦିଆଯାଇଥିବା ୫ ଲକ୍ଷରୁ ଅଧିକ ଓବିସି ପ୍ରମାଣ ପତ୍ରକୁ ରଦ୍ଦ କରି ଦେଇଛନ୍ତି । କୋଲକତା ହାଇକୋର୍ଟଙ୍କ ଓବିସି ପ୍ରମାଣପତ୍ର ରଦ୍ଦକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମେ  ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି । ସଂରକ୍ଷଣ ପ୍ରସଙ୍ଗକୁ ନେଇ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ବିହାର, ଉ ରପ୍ରଦେଶ, ରାଜସ୍ଥାନ ଏବଂ ମହାରାଷ୍ଟ୍ରରେ ଦୀର୍ଘ ଦୁଇ ଦଶନ୍ଧି ହେବ ବିବାଦ ଚାଲିଛି । ରାଜନୀତିର ଉର୍ଦ୍ଧ୍ୱକୁ ଯାଇ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଚିନ୍ତାକଲେ ସ୍ପଷ୍ଟ ଜଣାପଡ଼େ ଯେ ଭାରତରେ ସାମ୍ବିଧାନିକ ସଂରକ୍ଷଣ ବ୍ୟବସ୍ଥା ଅନୁଛେଦ ୩୩୦. ୩୩୨ ଏବଂ ୩୩୫ ଅନୁସାରେ ଅନୂସୁଚୀତ ଜାତିକୁ ୧୫ ପ୍ରତିଶତ, ଅନୂସୁଚୀତ ଜନଜାତିକୁ ୭.୫ ପ୍ରତିଶତ, ଅର୍ଥାତ ସମୁଦାୟ ୨୨.୫ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି । ୧୯୭୮ରେ ମୋରାରଜୀ ଦେଶାଇ ସରକାର ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧକ୍ଷତାରେ ଏକ କମିଶନ ଗଠନ କରିଥିଲେ, ଏହାକୁ ମଣ୍ଡଳ କମିଶନ ବୋଲି କୁହାଯାଏ । ମଣ୍ଡଳ କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ । ୧୦ବର୍ଷ କାଳ ଏହି ରିପୋର୍ଟ ଶୀତଳ ଭଣ୍ଡାରରେ ପଡ଼ିବା ଭଳି ରହିଥିଲା । ୧୯୮୯ ମସିହାରେ ବିଶ୍ୱନାଥ ପ୍ରତାପ ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ । ସେତେବେଳେ ଯେଉଁ ମେ  ସରକାର ହୋଇଥିଲା ,ସହି ମେ  ର ଅଧକ୍ଷ ଥିଲେ ଏନ୍‌ଟି ରାମାରାଓ ଓ ସଂଯୋଜକ ଥିଲେ ବିଶ୍ୱନାଥ ପ୍ରତାପ ସିଂହ । ବିଶ୍ୱନାଥ ପ୍ରତାପ ସିଂହ ବ ମାନର ବିଜେପି ଦଳର ସମର୍ଥନରେ ସରକାର ଗଠନ କରିଥିଲେ ଓ ମଣ୍ଡଳ କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପ ି ନେଇଥିଲେ ।

ମଣ୍ଡଳ କମିଶନଙ୍କ ରିପୋର୍ଟ ଆଧାରରେ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରାଗଲା । ସେବେଠାରୁ ଅଦ୍ୟାବଧି ସବୁ ରାଜ୍ୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି । ନିର୍ବାଚନ ସମୟରେ ଅନ୍ୟ ପଛୁଆବର୍ଗ ଜାତି ବିଭିନ୍ନ ସମୟରେ ସଂରକ୍ଷଣ ପାଇଁ ଦାବି କରୁଛନ୍ତି । ନିର୍ବାଚନ ସମୟରେ ଏହାକୁ ନେଇ ନେତାମାନେ ମଧ ତୁମ୍ବିତୋଫାନ କରୁଛନ୍ତି । ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦିରୁ ଭାରତରେ ସଂରକ୍ଷଣ ବ୍ୟବସ୍ଥାର ଆରମ୍ଭ ହୋଇଥିଲା । ସେ ସମୟରେ ଧନୀ ଲୋକମାନଙ୍କର ବିଶେଷ ଅଧିକାର ଥିଲା । ୧୮୮୨ ମସିହାରେ ଜାତି ଆଧାରିତ ସଂରକ୍ଷଣ ବ୍ୟବସ୍ଥା ବାବଦରେ ୱିଲିୟମ ହ  ର ଏବଂ ଜ୍ୟୋତିରାଓ ଫୁଲେ ବିଚାର କରିଥିଲେ । ୧୯୦୯ରେ ଇଂରେଜମାନଙ୍କ ଦ୍ୱାରା ଜାତି ଓ ସମୁଦାୟକୁ ନେଇ ଯେଉଁ ସଂରକ୍ଷଣ ଆରମ୍ଭ କରାଗଲା ତାକୁ ୧୯୧୯ ମସିହାରେ ଚାମ୍ବର ଫୋର୍ଡ଼ଙ୍କ ରିପୋର୍ଟ ପରେ କାର୍ଯ୍ୟକାରୀ କରାଗଲା । ତତ୍‌କାଳୀନ ଇଂରେଜ ସରକାର ଅଧିନିୟମ ୧୯୧୯ ମାଧମରେ ସଂରକ୍ଷଣ ପାଇଁ ପ୍ରାବଦାନ କରିଥିଲେ । ୧୯୨୧ରେ ମାଡ୍ରାସ ପ୍ରେସିଡେନ୍ସିରଆଦେଶ ଅନୁସାରେ ଅଣ ବ୍ରାହ୍ମଣମାନଙ୍କ ପାଇଁ ୪୪ ପ୍ରତିଶତ ଓ ବ୍ରାହ୍ମଣ, ମୁସଲମାନ, ଭାରତୀୟ ଆଂଗ୍ଲୋ ଇଣ୍ଡିଆନମାନଙ୍କ ପାଇଁ ୧୬-୧୬ ପ୍ରତିଶତ ସ ଅନୁସୂଚୀତ ଜାତି ପାଇଁ ୮ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିଲା । ୧୯୩୦ ମସିହାରେ ଏଚ.ବି ଷ୍ଟୋର କମିଟି ପଛୁଆ ଜାତିକୁ ଦଳିତ, ଆଦିବାସୀ, ପାର୍ବତୀୟ ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗରେ ବିଭାଜିତ କରିଦେଇଥିଲେ । ସେବେଠାରୁ ଭାରତୀୟ ସମାଜ ବିଭିନ୍ନ ବର୍ଗ ଏବଂ ସମୁଦାୟରେ ବିଭାଜିତ ହୋଇ ରହିଛି ।

୧୯୩୨-୩୩ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଭାରତରରେ ସାମ୍ପ୍ରଦାୟିକ ବ୍ୟବସ୍ଥାଲାଗୁ କରାଇଥବଲେ । ତଦନୁସାରେ ମୁସଲମାନ, ଶିଖ, ଭାରତୀୟ ଖ୍ରୀଷ୍ଟିୟାନ, ଆଂଗ୍ଲୋଇଣ୍ଡିଆନ, ଏବଂ ଦଳିତଙ୍କ ପାଇଁ ଅଲଗା ନିର୍ବାଚନ କ୍ଷେତ୍ରରେ ବ୍ୟବସ୍ଥା କରାଯାଇଥିଲା । ପ୍ରାନ୍ତିୟ ବିଧାନ ମଣ୍ଡଳରେ ଦଳିତଙ୍କ ପାଇଁ ୭୧ଟି ଆସନ ନିର୍ଦ୍ଧାରିତ କରାଯାଇଥିଲା ଏଣୁ ମତଦାତାଙ୍କୁ ସେମାନଙ୍କ ସମୁଦାୟର ବ୍ୟକ୍ତିଙ୍କୁ ମତ ଦେବାର ପ୍ରାବଧାନ ଥବଲା । ଏଭଳି ବ୍ୟବସ୍ଥାକୁ ଗାନ୍ଧୀ ବିରୋଧ କରିଥିଲେ ଓ ଏହି ବ୍ୟବସ୍ଥାକୁ ଡକ୍ଟର ଭୀମରାଓ ଆମ୍ବେଦକର ସମର୍ଥନ କରୁଥିଲେ । ଉଭୟଙ୍କ ମଧ୍ୟରେ ସଂରକ୍ଷଣକୁ ନେଇ ଥବବା ମତଭଦ ପୁନା ପ୍ୟାକ୍ଟ ପରେ ଥମିଥିଲା । ଅଧିନିୟମ ୧୯୩୫ ଅନୁସାରେ ଏହି ସଂରକ୍ଷଣ ବ୍ୟବସ୍ଥାରେ ଦଳିତ ବର୍ଗ ଏବଂ ଆଦିମ ଜନଜାତି ନାମକ ସଜ୍ଞା ଯୋଡ଼ାଯାଇଥିଲା । ମାହାରାଷ୍ଟ୍ରରେ ଶିକ୍ଷା ଏବଂ ସରକାରୀ ନିଯୁକ୍ତିରେ ଅନୁସୂଚୀତ ଜାତି-ଜନଜାତିଙ୍କ ସହ ମରାଠା ସମୁଦାୟଙ୍କ ପାଇଁ ୧୬ ପ୍ରତିଶତ ଏବଂ ମୁସଲମାନଙ୍କ ପାଁ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି । ଅରୁଣାଚଳ ପ୍ରଦେଶରେ ଅନୁସୂଚୀତ ଜନଜାତିଙ୍କ ପାଇଁ ୮୦ ପ୍ରତିଶତ ସଂରକ୍ଷଣ ରହିଛି । ସେହିପରି ତାମିଲନାଡୁରେ ସର୍ବାଧିକ ୬୯ ପ୍ରତିଶତ, ମହାରାଷ୍ଟ୍ରରେ ୫୨ ପ୍ରତିଶତ ଏବଂ ମଧ୍ୟପ୍ରଦେଶରେ ୫୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ରହିଛି ।

ସମ୍ବିଧାନର ଧାରା ୧୫(୪), ଧାରା ୧୬(୪) ଏବଂଧାରା ୧୬ (୪)ବି ଅନୁସାରେ ସରକାରଙ୍କ ଅଧିକାର ଦିଆଯାଇଛି ଯେ, ଯଦି କୌଣସି ସମାଜ ବା ବର୍ଗର ଶିକ୍ଷାସଂସ୍ଥା ବା ସରକାରୀ ନିଯୁକ୍ତିରେ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ନଥିବା କଥା ଜଣାପଡ଼େ ତେବେ ରାଜ୍ୟ ସରକାର ସେମାନଙ୍କୁ ସଂରକ୍ଷଣ ଦେଇପାରିବେ । ବିଶ୍ୱର ବିକଶିତ ଦେଶ ଚୀନ, ଆମେରିକା ଓ ଜାପାନ ଭଳି ଦେଶରେ ମଧ ସଂରକ୍ଷଣ ବ୍ୟବସ୍ଥା ରହିଛି । ଭାରତରେ ଦୀର୍ଘଦିନରୁ ଚାଲି ଆସିଥିବା ଜାତି ବ୍ୟବସ୍ଥା ଦେଶର ସଂରକ୍ଷଣ ନୀତି ପ୍ରଣୟନ ପାଇଁ ଦାୟୀ । କାରଣ ଜାତି ବ୍ୟବସ୍ଥାରେ ଉତ୍ପିଡ଼ିତ ଏବଂ ଦୁର୍ଭାଗ୍ୟଶାଳୀ ବ୍ୟକ୍ତିମାନଙ୍କୁ ଦଳିତ ଆଖ୍ୟା ଦିଆଯାଇଛି । ଦେଶ ସ୍ୱାଧିନ ହେବା ପୂର୍ବରୁ ଓ ପରେ ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ସାଂସ୍କୃତିକ ସ୍ତରରେ ଜାରିଶୁଣି ଏଭଳି ମାନସିକତା ଲୋକଙ୍କ ମନରେ ଭରି ଦିଆଯାଇଛି । ଦଳିତ ସମାଜକୁ ମୁଖ୍ୟଧାରାରେ ସାମିଲ କରିବା ପାଇଁ ଏହାକୁ ଏକ ଉଚିତ ବ୍ୟବସ୍ଥା ବୋଲି ମଧ କୁହାଯାଇପାରେ । ସଂରକ୍ଷିତ ବର୍ଗ : ଅନୁସୂଚୀତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଦୁର୍ଭାଗ୍ୟ ଯେ ଯେହେତୁ ସେମାନେ ସଂରକ୍ଷଣର ଲାଭ ପାଉଛନ୍ତି ତେଣୁ ସେମାନଙ୍କୁ ଜାତି ଆଧାରିତ ଭେଦଭାବକୁ ମଧ ସ୍ୱୀକାର କରିବାକୁ ପଡୁଛି । ନିମ୍ନ ବା ଦଳିତ ବର୍ଗଙ୍କ ବିରୁଦ୍ଧରେ କରଯାଇଥିବା ଐତିହାସିକ ଅନ୍ୟାୟର ଭରଣା ପାଇଁ ଜାତି/ ବ୍ୟକ୍ତିଙ୍କୁ ରାଜ୍ୟ/କେନ୍ଦ୍ର ଦ୍ୱାରା ସମାନ ଭାବେ ପ୍ରତିନିଧିତ୍ୱର ସୁଯୋଗ ଦିଆଯାଉଛି ଏବଂ ଏହା ମଧ ସମ୍ବିଧାନ ସମ୍ମତ । କିନ୍ତୁ ସଂରକ୍ଷଣ ଭର୍ଗର ଲେଏାକଙ୍କୁ ସରକାରୀ ନିଯୁକ୍ତିରେ ଅଣ ସଂରକ୍ଷିତ ବର୍ଗର ଲୋକେ ହେୟ ଦୃଷ୍ଟିରେ ଦେଖିବା ଅମାନବୀୟ ଦୃଷ୍ଟିକୋଣର ପରିଚାୟକ । ସମ୍ବିଧାନରେ କୁହାଯାଇଛି ଯେ ଜାତିଧର୍ମର ଭେଦଭାବ ବିନା ସମସ୍ତଙ୍କୁ ସମାନ ଅବସର ଦିଆଯିବା ଉଚିତ୍ । ସଂରକ୍ଷଣର ସଙ୍କଳ୍ପନାରେ ଏକଥା ନିହିତ ରହିଛି ଯେ ସାମାଜିକ, ଆର୍ଥିକ ଏବଂ ରାଜନୈତିକ ମାମଲାରେ ନିଷ୍ପକ୍ଷତାକୁ ଗୁରୁତ୍ୱ ଦିଆଯିବା ମାନବୀୟ ମୂଲ୍ୟ ପରମ୍ପରାରେ ନିର୍ବାହନ ଅଟେ । ସଂରକ୍ଷଣର ଉଦ୍ଦେଶ୍ୟ ପୂର୍ବାଗ୍ରହ ରହିତ ସମାଜର ନିର୍ମାଣ । ସମ୍ବିଧାନର ପ୍ରଣୟନ କ ମାନେ ଅନେକ ଭାବିଚିନ୍ତି ପ୍ରତିରକ୍ଷା ସେବାରେ ସଂରକ୍ଷଣ ବ୍ୟବସ୍ଥା କରିନାହାଁନ୍ତି । ରାଜ୍ୟସଭା, ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକାର ସର୍ବୋଚ୍ଚ ପଦକୁ ସଂରକ୍ଷଣରୁ ଦୁରରେ ରଖାଯାଇଛି । କିନ୍ତୁ ଅନେକ ସମୟରେ ସଂରକ୍ଷଣକୁ ନେଇ ବିମର୍ଷ ଚାଲିଥିବାରୁ ସ୍ୱତଃ ପ୍ରଶ୍ନ ଉଠେ ଯେ ଏହି ସଂରକ୍ଷଣ ବ୍ୟବସ୍ଥାର ଅନ୍ତ କଉଁଠି ? ବିଗତ ୪/୫ ଦଶକ ହେବ ସଂରକ୍ଷଣକୁ ନେଇ ଯେମିତି ବିଭିନ୍ନ ବର୍ଗର ଲୋକେ ଆନ୍ଦୋଳନକୁ ଓହ୍ଲେଇଛନ୍ତି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ସଂରକ୍ଷଣର ନିଆଁ କେବେ ଲିଭିବ ନାହିଁ । ଏହାର କାରଣ ହେଉଛି ସମ୍ବିଧାନରେ ଅନୁସୂଚିତ ଜାତି-ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ଉତ୍‌ଥାନ ପାଇଁ ସଂରକ୍ଷଣ ଏକ ଧାର୍ଯ୍ୟ ସମୟ ସୀମା ପର୍ଯ୍ୟନ୍ତ ଦିଆଯାଇଥିଲା । କିନତୁ ସଂରକ୍ଷଣ ଜାତି ଏବଂ ସମାଜ ମଧ୍ୟରେ ଅବଧାରଣା ରହିଛି ଯେ ସେମାନଙ୍କୁ ସବୁବେଳେ ସଂରକ୍ଷଣ ମିଳିବା ଆବଶ୍ୟକ । ସଂରକ୍ଷଣା ଜଡ଼ ସବୁ ସମାଜରେ ପରିବ୍ୟାପ୍ତ ହୋଇ ରହିଛି । ବୋଧହୁଏ ଏହି କାରଣରୁ ଅନୁସୂଚୀତ ଜାତି-ଜନଜାତି ଓ ପଛୁଆବର୍ଗର ଭୋଟର ତାଙ୍କ ଜାତିର ଲୋକଙ୍କୁ ଭୋଟ ଦେଇଥାନ୍ତି ଯେପରି ସଂରକ୍ଷଣ ବିରୁଦ୍ଧରେ ଯେପରି ଆଇନ୍ ପ୍ରଣୟନ ହୋଇନପାରିବ । ରାଜନୈତିକ ଦଳମାନେ ମଧ ବିଧାନସଭା ଓ ଲୋକସଭାରେ ସଂଖ୍ୟାଗରିଷ୍ଠତା ପାଇଁ ରାଷ୍ଟ୍ରୀୟ ହିତକୁ ଭୁଲି ଯାଇଥାନ୍ତି । ଆ  ଳିକ ଦଳମାନେ ଜାତିବାଦ, ଭାଷାବାଦ ଓ ଆ  ଳିକବାଦକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି କାରଣ ସେମାନଙ୍କର ଗଠନ ହିଁ ସଙ୍କୁଚିତ ଦୃଷ୍ଟିକୋଣ ଆଧାରିତ ଅଟେ । ସଂରକ୍ଷଣରୁ ରାଷ୍ଟ୍ର କ'ଣ ହରାଇଛି ଓ କ'ଣ ପାଇଛି ? ଏକଥାର ବିଶ୍ଳେଷଣ କରାଯିବା ଆବଶ୍ୟକ । ୨୦୦ ବର୍ଷରୁ ଅଧିକ ସମୟ ପୂର୍ବେ ଇଂରେଜମାନେ ଯେଉଁ ସଂରକ୍ଷଣର ନିଆଁ ଲଗାଇ ଦେଇ ଯାଇଛନ୍ତି ତାହା ଲିଭିବ କେବେ ?

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି । ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି । ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି । ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି । ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି । ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି । ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି । ଯାହାପାଇଁ ସଚେତନତା ନିହାତି ଜରୁରୀ । ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ । ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା । ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ । ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ । ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ । ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର । ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ । ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର । ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ । ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ । ଏହା ସହଜରେ ଚିକିତ୍ସା ହୋଇପାରେ । ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ । ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ । ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ । ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ । ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ । ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା । ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା । ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା । ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା ।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି । ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ । ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ । ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ । କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ । ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ । ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ । ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ । ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ । ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ । ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ । ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ । ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ । ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ । ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ । ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ । ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ । ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ । ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ । ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ । ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ । ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ । ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ । ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ । ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ । କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ । ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି । ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ । ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ । କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ । ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ । ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ । ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି । ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧେର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ । ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*

# ସାହିତ୍ୟ ଦର୍ପଣ



## ଦଣ୍ଡା ବାଲୁଙ୍ଗା



ସୁଦର୍ଶନ ମହାପାତ୍ର

ପିଲାଦିନେ ନବ ଆଖି ପିଛୁଳାକେ ଗଛ ଚଢ଼ିପାରେ।

କେମିତି ସେ ଏତେ ସହଜରେ ଗଛ ଚଢ଼ି ପାରୁଛି ପଚାରିଲେ, କହେ ସେ ହନୁମାନଙ୍କୁ ପୂଜା କରି ଏମିତି ବର ପାଇଛି। ଆମେ ତା କଥାରେ ଆହୁରି ତଟସ୍ଥ ହୋଇଯାଉ।ଗଛର ସବୁଠାରୁ ଉଚ୍ଚ ଆଉ ସରୁ ଡାଳରେ ସେ ପାଦ ରଖିପାରୁଥିଲା।ଟେକା ଫୋପାଡି ଆମ୍ବ, ପିଜୁଳି,କୋଳି ଇତ୍ୟାଦିକୁ ଅନାୟାସରେ ତଳକୁ ଖସାଇ ପାରୁଥିଲା।

ସ୍କୁଲରେ ନବର ବ୍ୟାଗ୍ ଥିଲା ଆମ ସମସ୍ତଙ୍କର ଆକର୍ଷଣର ବିନ୍ଦୁ।ତା ଭିତରୁ ସବୁଦିନ ବାହାରୁଥିଲା ଅଲଗା ଅଲଗା ଜିନିଷ। ପିଜୁଳି, ବରକୋଳି, ଖଜୁରୀ କୋଳି, ଜାମୁକୋଳି, ଆମ୍ବକଷି, କରମଙ୍ଗା, ଆତ,କଣ୍ଟେଇ କୋଳି, ଖିରି କୋଳି ଏମିତି କେତେ କ'ଣ।ଶ୍ରେଣୀର ସବା ପଛଧାଡିରେ ବସୁଥିବା ନବ ଖେଳଛୁଟିରେ ହିରୋ ପାଲଟି ଯାଉଥିଲା। ସମସ୍ତେ ତା ବ୍ୟାଗ କୁ ଚାତକ ଭଳି ଚାହିଁ ରହୁଥିଲେ। 'ଗଣିତ ସାର୍ ଙ୍କ ଠାରୁ ମାଡ ପଛେ ଖାଇଲେ ଖାଇବି, ହେଲେ ନବ ଭଳି ମୋତେ କରିଦିଅନ୍ତେ କି ଠାକୁର' – ଏମିତି ଭାବନା ମୋ ଭିତରେ ବାରମ୍ବାର ଆସେ।

ମୋ ସହ ନବ ର ଖୁବ୍ ଭଲ ପଡୁଥିଲା। ସମସ୍ତଙ୍କୁ ଲୁଚେଇ ବ୍ୟାଗରୁ କିଛି ଭଲ ଜିନିଷ ମୋତେ ଆଗ ଧରେଇ ଦେଉଥିଲା। ଅବଶ୍ୟ ତା'ର କାରଣ ଥିଲା। ସ୍କୁଲର ସବୁଠାରୁ ରାଗୀ ରଙ୍କନିଧି ସାର୍ ଙ୍କ କ୍ଲାସ୍ ପୂର୍ବରୁ ମୋ ଠାରୁ ଅଙ୍କ ଟିପୁଥିଲା। ହେଲେ ଖାତା ସଂଶୋଧନ ବେଳେ ନବ କାହା ଠାରୁ ଟିପିଛି ବୋଲି ସାର୍ ଜାଣି ପାରୁଥିଲେ।କାରଣ ଟିପିଲା ଭିତରେ ବି ସେ ଅଗଡ ବଗଡ କରିଥାଏ। କେବେ ପଛ ଧାଡ଼ି ଆଗରେ ତ ଆଗଧାଡି ପଛରେ। କେବେ ଦୁଇଟି ଧାଡି ଛାଡି ଆଗକୁ ଲେଖିଥାଏ। ତେଣୁ ସାର ଙ୍କ ଠାରୁ ମାଡ ଖାଉଥିଲା।

ଯେଉଁ ପିଲାର ଭାଗ କେବେ କମ ହେଉଥିଲା କିମ୍ବା କେବେ ତା'ର ଇପ୍ସିତ ଫଳ ପାଉନଥିଲା ସେ ନବ ବିରୋଧରେ ଶିକ୍ଷକଙ୍କ ଆଗରେ ଯାଇଁ ଅଭିଯୋଗ କରୁଥିଲା।କାହା ବାଡିରୁ ନବ କ'ଣ ଚୋରି କରିଛି ନିଷ୍କପଟ ଭାବରେ ସାଙ୍ଗମାନଙ୍କ ଆଗରେ ବଖାଣି ଥାଏ ତ, ସାର୍ ଙ୍କ ପାଖରେ ଖବର ପହଞ୍ଚି ଯାଏ ସେଇ ସୂତ୍ରରୁ। ସବୁଠୁ ବଡ଼ କଥା ହେଲା ନବ ସାରଙ୍କ ଆଗରେ ସତକଥା ମାନି ଯାଉଥିଲା ଏବଂ ସମସ୍ତଙ୍କ ସାମ୍ନାରେ ମାଡ ଖାଉଥିଲା କିମ୍ବା କିଛି ଦଣ୍ଡ ପାଉଥିଲା।

ତଥାପି ନବ ରହୁଥିଲା ନିର୍ଲିପ୍ତ ଏବଂ ଅପରିବର୍ତ୍ତିତ। ଯେଉଁ ପିଲାର ଅଭିଯୋଗରେ ସାର୍ ଙ୍କ ଠାରୁ ମାଡ଼ ଖାଉଥିଲା ତା ପ୍ରତି କେବେ ଅସୂୟା ଭାବ ପୋଷଣ କରୁନଥିଲା ନବ ବରଂ ତା' ସହିତ ଅନାୟାସରେ ମିଶୁଥିଲା।ଥରେ ଏ ବିଷୟରେ ମୁଁ ନବକୁ ପଚାରିଥିଲି।ସେ ନିରିହ ହସଟେ ହସି କହିଥିଲା -' ସାଙ୍ଗଟା ପା..!'

ନବ ର ସାର୍ଟ କିମ୍ବା ପ୍ୟାଣ୍ଟରେ ଗୋଟିଏ ଦୁଇଟା ମୋଟା ସୂତାର ସିଲେଇ ଜକଜକ ହୋଇ ଦିଶେ। ଅଭାବ ଭିତରେ ନବ କୁ ପାଠ ପଢେଇ ମଣିଷ କରିବାକୁ ଚେଷ୍ଟା କରୁଥିଲେ ତା'ର ବାପା ମାଆ। ହେଲେ ନବର ସେଥିପ୍ରତି ବିଶେଷ ଧ୍ୟାନ ନଥିଲା। କେହି ପଚାରିଲେ କହେ –' ଜ୍ୟୋତିଷ ପରା ମୋ ହାତ ଦେଖି କହିଛି ମୋ ଜାତକରେ ପାଠ ନାହିଁ ବୋଲି।'

କେବେ ନୂଆ ପ୍ୟାଣ୍ଟ ସାର୍ଟ ତା ପାଇଁ ତିଆରି ହେଲେ ବି ସେସବୁର ଅବସ୍ଥା ଖରାପ ହୋଇଯାଏ ଗଛ ଚଢାରେ, କଣ୍ଟା ବୁଦା ବୁଲି କୋଳି ତୋଳିବାରେ। ସେ ଉପର ଶ୍ରେଣୀ ପିଲାଙ୍କ ଠାରୁ ପୁରୁଣା ବହି ମାଗି ପାଠ ପଢୁଥିଲା। ପୁରୁଣା ବର୍ଷର ଖାତା ମାନଙ୍କରୁ ବଳି ପଡିଥିବା କାଗଜ ଚିରି ନୂଆ ଖାତା ତିଆରି କରୁଥିଲା।

ସାର୍ ମାନଙ୍କ ଠାରୁ ସବୁବେଳେ ଗାଳି ମାଡ ଖାଉଥିବା ନବ ର ଗୁରୁତ୍ୱ କିନ୍ତୁ ବଢ଼ି ଯାଉଥିଲା ସ୍କୁଲରେ ପାଳିତ ହେଉଥିବା କୌଣସି ଉତ୍ସବ ପୂର୍ବରୁ।

ସରସ୍ୱତୀ ପୂଜା ଅବା ଗଣେଶ ପୂଜାରେ ବାଉଁଶ ବୋହି ଆଣୁଥିଲା ନବ।କାହା ବାଡିରୁ ଆମ୍ବଡ଼ାଳ ତ କାହା ବାଡିରୁ କଦଳୀ ପତ୍ର ଅବା ଦେବଦାରୁ ପତ୍ର ସଂଗ୍ରହ କରିବା ଦାୟିତ୍ୱ ସେଇ ନବ ର। ଅଗଷ୍ଟ ପନ୍ଦର ଅବା ଜାନୁଆରୀ ଛବିଶରେ ପତାକା ଉତ୍ତୋଳନ ପାଇଁ ଯାହା କିଛି ବନ୍ଦୋବସ୍ତ କରିବ ହିଁ ସେଇ। ବାର୍ଷିକ ଉତ୍ସବ ବା ଅନ୍ୟ କିଛି ମିଟିଂ ବେଳେ ଚେୟାର ବେଞ୍ଚ ବୋହିବା ବେଳକୁ ଡକରା ପଡିବ ନବକୁ।

ବାର୍ଷିକ କ୍ରୀଡା ପ୍ରତିଯୋଗିତା ବେଳକୁ ଟ୍ରାକରେ ଚୁନ ପକେଇବ ନବ। ପିଲାଙ୍କୁ ଚକୋଲେଟ, ଲେମ୍ବୁ ବାଣ୍ଟିବ। ସେଇ ସମୟରେ ସାର୍ ମାନଙ୍କ ଠାରୁ ଦି ପଦ ମିଠା କଥା ଶୁଣୁଥିଲା ନବ।

ଥରେ ନବକୁ ପଚାରିଥିଲି: ତୁ ଖେଳରେ କାହିଁକି ଭାଗ ନେଉନୁ ? ସବୁଥିରେ ଫାଷ୍ଟ ହୁଅନ୍ତୁ।'

ନବ ର ଉତ୍ତର:'ସୁର,ବିଜୁ,କପିଳ ହେରିକା ମନଦୁଃଖ କରିବେ। ସେମାନେ ପ୍ରାଇଜ ପାଆନ୍ତୁ। ମୋର ସେଗୁଡା କ'ଣ ହେବ?'

ସେଦିନ ନବ କଥା ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା। ପ୍ରକୃତରେ ମୁଁ ଭାବୁଥିଲି ନବ ସାର୍ଟ ଖୋଲିଲେ ତା ଗଞ୍ଜିରେ ଥିବା ଫୁଟା ସବୁ ଉକୁଟି ଉଠିବ କିମ୍ବା ତା ପ୍ୟାଣ୍ଟରେ ସଦ୍ୟ ପଡ଼ିଥିବା ତାଳି ସମସ୍ତଙ୍କ ନଜରକୁ ଆସି ହସର ଖୋରାକ ଯୋଗାଇବ। ସେଥିପାଇଁ ସେ ଖେଳରେ ଭାଗ ନେଉନାହିଁ ବୋଲି।

ଆମେ ସବୁ ସ୍କୁଲ ସାରି କଲେଜରେ ନାଁ ଲେଖାଇଲୁ ହେଲେ ନବ ହିଁ ଏକୁଟିଆ ସେଥିରୁ ବଞ୍ଚିତ ହେଲା।ତା ବାପା ଭଳି ସେ ବି ଲାଗିଗଲା ମୂଲ ମଜୁରୀରେ। ନବ କଥା ଆଉ ବିଶେଷ ଭାବରେ ମନରେ ଆସୁନଥିଲା ମୋର କିମ୍ବା କୌଣସି ସାଙ୍ଗର। ଗାଆଁ କୁ ଗଲେ ନବ ସହିତ ବେଳେ ବେଳେ ଦେଖା ହୁଏ। ସେ ଭଲମନ୍ଦ କଥା ପଚାରେ ଏବଂ ଅଭିମାନ କରି କହେ –'ଏ ଗରିବ ସାଙ୍ଗକୁ ଆଉ କେହି ପଚାରୁ ନାହାଁନ୍ତି।'

ଏମିତି ପଦେ ଦି'ପଦ କଥାରେ ସୀମିତ ଥାଏ ଆମ ସଂପର୍କ।

ଥରେ ଗାଆଁ ରୁ ହଷ୍ଟେଲ କୁ ଆସିଲା ବେଳେ ଯେଉଁ ବସରେ ମୁଁ ଆସୁଥିଲି ସେଇଟା ଭାରସାମ୍ୟ ହରାଇ ଗୋଟିଏ ଟ୍ରକ ସହିତ ଧକ୍କା ଖାଇଲା। ମୋର ଯେତେବେଳେ ଚେତା ଫେରିଲା ମୁଁ ଥିଲି ହସ୍ପିଟାଲରେ।ଆମ ଘର ଲୋକଙ୍କ ବ୍ୟତୀତ ଯିଏ ମୋ ପାଖରେ ଥିଲା ସେ ନବ । ମୁଁ ଆଶ୍ଚର୍ଯ୍ୟ ହୋଇ ତାକୁ ଚାହିଁଲି।ତା ଆଖିରେ ଲୁହ ଟଳମଳ ହେଉଥିଲା।

ବାପାଙ୍କ ଠାରୁ ଜାଣିଲି ନବ ସାଇକେଲ ଚଲେଇ ହସ୍ପିଟାଲରେ ଆସି ପହଞ୍ଚିଛି। ଅଠର କିଲୋମିଟର ଦୂରତା ଅତିକ୍ରମ କରି ମୋ ପାଖରେ ପହଞ୍ଚି ପୁଣି ଆବଶ୍ୟକ ହେବାରୁ ନବ ମୋ ପାଇଁ ରକ୍ତ ବି ଦେଇଛି ଜାଣିଲି।ହାତ ଠାରି ତାକୁ ପାଖକୁ ଡାକିଲି।

–' ନବ, ଜୀବନରେ ତୋ ଋଣ ସୁଝି ପାରିବିନି ।' ତା ହାତ କୁ ଜାବୁଡ଼ି ଧରିଥିଲି।

–' ସାଙ୍ଗକୁ ସେମିତି କହନ୍ତିନି।ତୋର ମନେ ନାହିଁ କି ସ୍କୁଲ ବଗିଚାରେ କାମ କଲାବେଳେ କୋଦାଳ ବାଜି ମୋ ଗୋଡ଼ରୁ ରକ୍ତ ବାହାରିଥିଲା ଆଉ ତୁ ମୋତେ ଛୁଟି ପରେ ସାଇକେଲରେ ଡାକ୍ତରଖାନା ନେଇ ଘା ନହେବା ଇଞ୍ଜେକସନ ଦେଇଥିଲୁ। ତୁ ଯେତେବେଳେ ଡାକ୍ତର ହେବୁ, ବୁଢା ବେଳକୁ ମୋର ଚିକିତ୍ସା କରିବୁ, ହେଲା।' ନବ ମୁହଁରେ ଥିଲା ହସ।

ସେଇ ନବ ଏବେ ହସ୍ପିଟାଲ ବେଡରେ। ତା'ର ପାକସ୍ଥଳୀରେ କ୍ୟାନ୍ସର ଚତୁର୍ଥ ଷ୍ଟେଜରେ ପହଞ୍ଚି ସାରିଛି। ଆଉ କେତେ ଦିନ ରହିବ ଏ ସଂସାରରେ! ମୁଁ ଡାକ୍ତର ହୋଇ ବି ମୋ ସାଙ୍ଗ ନବର ଜୀବନ ବଞ୍ଚ?ଇବାକୁ ଅକ୍ଷମ। ଅନ୍ୟମାନଙ୍କ ପାଇଁ ମୁଁ ପ୍ରସିଦ୍ଧ ଡାକ୍ତର ସିଦ୍ଧାର୍ଥ ମିଶ୍ର ହୋଇପାରେ ମାତ୍ର ମୋ ସାଙ୍ଗ ପାଇଁ ମୋ ଚିକିତ୍ସା ଫଳପ୍ରଦ ନୁହେଁ। ମୁଁ ହାର ମାନିସାରିଛି।

ଦୁଇ ବର୍ଷ ଆଗରୁ ମୁଁ ନବକୁ ଶ୍ରଦ୍ଧାରେ ଦେଇଥିବା ପ୍ୟାଣ୍ଟ ସାର୍ଟ ପିନ୍ଧି ଆଜି କେମୋ ନେବାକୁ ଆସିଛି।କାଳେ ମୁଁ ଚିହ୍ନି ପାରିବିନି ବୋଲି ତା ପୋଷାକ ଆଡ଼କୁ ଇଙ୍ଗିତ କରି ମୋତେ ଜଣାଇଲା।ତା ଇଙ୍ଗିତ ପୁଣି ମୋତେ ବୁଝାଇବାକୁ ଚେଷ୍ଟା କରୁଥିଲା ଯେ ସେ ଏବେ ଯତ୍ନରେ ରଖୁଛି ସାର୍ଟ ପ୍ୟାଣ୍ଟ କୁ। ହେଲେ ଦେହର ଯେମିତି ଯତ୍ନ ନେବା କଥା ସେମିତି ସେ ନେଇ ପାରିନି। ହୁଏତ ତା'ର ଅଭାବପଣ ଏଥିପାଇଁ ଦାୟୀ।

କେମୋର ପରବର୍ତ୍ତୀ ତାରିଖ ମୁଁ ନବର ବଡପୁଅକୁ କହି ବାହାରିଲା ବେଳକୁ ସେ କହିଲା –' ଦାଦା, ମୋ ସାନଭାଇ ଗାଁ ରୁ ତମ ପାଇଁ କ'ଣ ସବୁ ଆଣିଛି। ଆମେ ତ ଗରିବ ଲୋକ। ତମକୁ ଆଉ କ'ଣ ଦେଇ ପାରିବୁ?'

ବ୍ୟାଗ ଖୋଲି ଦେଖାଇଲା ସେ ପିଜୁଳି, କରମଙ୍ଗା, କଣ୍ଟେଇ କୋଳି, ଖିରି କୋଳି ଇତ୍ୟାଦିର ସମ୍ଭାର..! ମୋତେ ଲାଗିଲା ଯେମିତି ସେଥିରେ ଭର୍ତ୍ତି ହୋଇଛି ସମୁଦ୍ରେ ହେବ ଆନ୍ତରିକତା, ଆକାଶେ ହେବ ଭଲପାଇବା, ଅସୀମ ଐଶ୍ୱର୍ଯ୍ୟ...!!!

–' ତମେ ଭଲପାଅ ନା? ବାପା ସବୁବେଳେ ତମ କଥା କହେ।' କହିଲା ନବ ର ପୁଅ ।

ନବ ଆଡକୁ ଚାହିଁଲି।ତା ମୁହଁରେ ହସର ଝଲକ। ମନେ ପଡିଲା ନବ ଥରେ କହିଥିଲା –' ମୋ ସାନପୁଅ ଟା ମୋରି ଭଳି ଗୋଟିଏ ଦଣ୍ଡା ବାଲୁଙ୍ଗା ହୋଇଛି। ବଣ ବୁଦା ବୁଲି ଦିନସାରା କୋଳି ସାଉଁଟୁଛି।ଚୋର ଟା...!'

ନବ ମୁହଁକୁ ଚାହିଁ ହସିଲି...!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ : ୯୪୩୮୧୭୫୫୪୨*

## କୋଣାର୍କ

*ରତ୍ନକାନ୍ତି ମିଶ୍ର*



ଗଙ୍ଗବଂଶୀ ରାଜା ନରସିଂହ ଦେବ
ସ୍ୱପ୍ନର ସୂର୍ଯ୍ୟ ମନ୍ଦିର
ବାରଶ ବଢେଇ ହାତରେ ତିଆରି
ସେ ପରା ଭବ୍ୟ ସ୍ୱାକ୍ଷର ॥
ବାର ବରଷର ବିରହ ବେଦନା
କେବେ ନୁହେଁ ଅବିସ୍ମୃତ
ପାଷାଣ କନ୍ୟାର ଦେହ ଦେଉଳରେ
ସତେ ସଦ୍ୟ ପ୍ରସ୍ଫୁଟିତ ॥
ହୃଦ ତଳ କୋହ ବ୍ୟଥାତୁର ମୋହ
ଅଙ୍କା ନିହାଣ ମୁନରେ
ଅନ୍ତଃ ଦହନର ଭାଷା ପ୍ରସ୍ଫୁଟିତ
ପ୍ରତି ଶିଳା ଖଣ୍ଡ ପରେ ॥
କଳା ନୈପୁଣ୍ୟର ନାହିଁ ପଟାନ୍ତର
ବିଶ୍ୱ ବକ୍ଷେ ଅଦ୍ୱିତୀୟ
ସେଇ କୋଣାରକ ଗର୍ବ ଗଉରବ
ଗାଏ ଉତ୍କଳର ଜୟ ॥
ଦୀପ୍ତ ଭାସ୍କର୍ଯ୍ୟର ସ୍ୱର୍ଣ୍ଣ ସ୍ୱାକ୍ଷର ସେ
ଚିର ଚିନ୍ମୟ ତା କଥା
ଜଗତ ବିସ୍ମୟ କୋଣାର୍କର ପାଦେ
ଏ ଜାତି ନୁଆଁଏ ମଥା ॥
ସ୍ଥାପତ୍ୟ କଳାର ମହା ମିଳନ ସେ
ଅପରୂପ ଅନୁପମ
ତା'ର ରୂପଚର୍ଯ୍ୟା ଶାଶ୍ୱତ ସୌନ୍ଦର୍ଯ୍ୟ
ଶିଳା ସମୁଦ୍ରରେ ପଦ୍ମ ॥

ପୃଥିବୀ ଆଶ୍ଚର୍ଯ୍ୟ ଏ ଆମ କୋଣାର୍କ
କଳା ର ସଂଗୀତ ଗାଏ
ମୂକସାକ୍ଷୀ ପରା ସେ କଳାପାଗୋଡା
ଇତିହାସ ଆଜି କହେ ॥

*ଆଳି, କେନ୍ଦ୍ରାପଡା*

## ଅସଲ କଥା

*ନିରଞ୍ଜନ ସାହୁ*



ସଭିଏଁ କହନ୍ତି କେମିତି ଲେଖୁଛ
ନିତି ତୁମ ଲେଖା ପ୍ରକାଶ ପାଏ
ଅସଲ କଥାଟା କହିପାରେନି ମୁଁ
ଯେଉଁ କଥା ତୁମେ ଜାଣିଛ ହାଏ ।

ସତ କହିବାକୁ ସାହସ କରେନା
ସତଟା ରହିଲା ଗୋପନ ହୋଇ
ଲୋକଙ୍କୁ ସହଜେ ବୁଝାଇ ଦିଏ ମୁଁ
ଲେଖିବାଟା ଗୋଟେ ମୋହରି ଖୋଇ
ଯେଉଁଦିନ କିଛି ଲେଖିପାରେନା ମୁଁ
ଶାନ୍ତିରେ ବି ଟିକେ ଶୋଇ ନଥାଏ ।

ଏମିତିସେମିତି ଗାରେଇ ଦେଇ ମୁଁ
ପ୍ରକାଶନ ପାଇଁ ପ୍ରେରଣ କରେ
କିଏବା ଛାପଇ କିଏ ନ ଦେଖଇ
କିଏ ନୂଆ ଭାବି ପଢେନା ଥରେ
ପ୍ରକାଶ ପାଇଲେ ଭାରି ଖୁସିହୁଏ
ପ୍ରକାଶ ନହେଲେ ଦୁଃଖ ମୁଁ ପାଏ ।

ଅସଲ କଥାଟା ତୁମ ଆମ ଛଡା
କିଏସେ କେମିତି ଜାଣିବ କୁହ
କଲମ ଧରିବା ପଛରେ ରହିଛି
ମୋ ଆଖିରେ ଥିବା ଅମାପ ଲୁହ
ବଡ଼ ହାହାକାର ଜୀବନରେ ପରା
ଲେଖା ବାହାନାରେ ସମୟ ଯାଏ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ : ୯୯୩୮୭୪୧୫୮୩*

## ଯାଯାବର

*ସୁଧାକର ରାଉତ*



ରାସ୍ତାକଡରେ ପଡ଼ି
ଅସମାପ୍ତ ସପନ ଗୁଡ଼ାଏ
ଶୋଇଛନ୍ତି ଆରାମରେ
ସତେ ସେମାନଙ୍କୁ ଆପଣେଇବାକୁ
ନାହାନ୍ତି କିଏ କାହିଁ ।
ଏବେ ସିନା ସେମାନେ ଅସହାୟ
ଦିନେ ଜାଣତରେ ଅବା ଅଜାଣତରେ
କାହାକୁ କରୁଥିବେ ବିଚଳିତ ଅଥୟ ।
ଅବା କାହା ମନର ଶୂନ୍ୟ ବିଛଣାରେ
ଶୁଣାଉଥିବେ ନାନା ବାୟା ଗୀତ ।
ବୟସର ସୁବାସ ଲୁପ୍ତ ହୋଇଥିଲେ ବି
ସେହି ମାନେ ହିଁ ଓଲଟାଇ
ଅତୀତର ଅଲିଭା ପୃଷ୍ଠାର ଜୀବନ
ଚକ୍ରରେ
ଢାଳୁଥିବେ ପ୍ରେମର
ମତୁଆଲା ଅମୃତ ।
ଯନ୍ତ୍ରଣା ଯାତନା ଚକ୍ରବ୍ୟୁହରୁ
ମୁକ୍ତିକାମୀ ମନକୁ
ଦେଉଥିବେ ଅସରା ଆଶ୍ରୟ ।
ନାହିଁ ଆଉ ତାଙ୍କ
ଯୋଜନ ଯୋଜନ ଗତି ।
ଯାଯାବର ପରି
ଅସ୍ଥିରତା ରେ ଭରିଛି
ସତେ ତାଙ୍କ ମୁକତି ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଆମରି ଉତ୍କଳ

*ଆଦ୍ୟାଶା ମହାପାତ୍ର*



ସବୁ ରାଜ୍ୟ ମଧ୍ୟେ ଆମରି ଉତ୍କଳ
ଶ୍ରେଷ୍ଠ ବୋଲି ବିବେଚିତ
ପ୍ରକୃତି ମାତାର ଅପୂର୍ବ ସୌନ୍ଦର୍ଯ୍ୟ
ଏଠି ପରା ସମବେତ ॥

ପର୍ବତ କାନନ ଚଉଦିଗେ ଘେରି
ବଢ଼ାଉଛି ତା'ର ଶୋଭା,
ସୁନୀଳ ସାଗର ଚରଣ ଧୁଏ ତା
ହ୍ରଦ, ଝର ମନଲୋଭା ॥

ପ୍ରଭୁ ଜଗନ୍ନାଥ ନୀଳାଚଳେ ଉଭା
କୋଟି ଜନ ପ୍ରାଣ ଧନ
ରଥଯାତ୍ରା ତାଙ୍କ ପୃଥିବୀ ପ୍ରସିଦ୍ଧ
ଭକ୍ତ ପାଶେ ଆର୍ତ୍ତତ୍ରାଣ ॥

କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
ମୁକ ସାକ୍ଷୀ କୋଣାରକ
ସପ୍ତାଶ୍ଚର୍ଯ୍ୟ ମଧ୍ୟେ ପରିଗଣିତ ସେ
ଅନେକରେ ସେ ଯେ ଏକ ॥

ମୋ ଜାତି ଜନତା କଣ୍ଠେ ଘୋଷିତ
ମଧୁସ୍ରାବୀ ଐକ୍ୟତାନ
ଏ ମାଟି ଐତିହ୍ୟ ସଂସ୍କାର ସଂସ୍କୃତି
ପରମ୍ପରା ମହୀୟାନ ॥

ବୀର ପ୍ରସବିନୀ ଉତ୍କଳ ଜନନୀ
ଆମେ ତା' ସନ୍ତାନଗଣ
ଜାତି ନନ୍ଦିଘୋଷ କର୍ଣ୍ଣଧାର ହୋଇ
ରଖିବା ତା'ର ସମ୍ମାନ ॥

*ନୂଆପଡା,କଟକ*

## ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ



ଡାକ୍ତର ଶୁଭଶ୍ରୀ ମିଶ୍ର

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱାଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ।

ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟାଲ ଫର୍ଟିଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତିତଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ୍ୟ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏଫଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତୋତାଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିଡକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। କେବଳ ଏହି ବୟସ୍କମାନଙ୍କର ଜୀବନଧାରଣର ଆବଶ୍ୟକତା ପୂରଣ କରିବା ନୁହେଁ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ରାଷ୍ଟ୍ର ପାଇଁ ଏକ ବିଶାଳ ଓ ବର୍ଦ୍ଧିଷ୍ଣୁ ବୋଝ ସୃଷ୍ଟି କରିଥାଏ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ। କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ିଖି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି। ତେଣୁ ବର୍ତ୍ତମାନ ପାଇଁ ଏକ ନିମ୍ନଗାମୀ ଟିଏଫଆରମ ଆମ ପାଇଁ ଏକ ସମସ୍ୟା ରୂପେ ଆବିର୍ଭୂତ ହୋଇନାହିଁ। କିନ୍ତୁ ଯଦି ଦୀର୍ଘକାଳ ଧରି ଏହି ଧାରା ଅବ୍ୟାହତ ରହେ ତେବେ ଦୂର ଭବିଷ୍ୟତରେ ଏକ ସମୟ ଆସିବ, ଯେତେବେଳେ ଆମକୁ ଆଜିର ଦକ୍ଷିଣ କୋରିଆ ବା ଜାପାନ ଭଳି ପରିବାର ନିୟୋଜନ ପରିବର୍ତ୍ତେ ଏକ ପରିବାର ସମ୍ପ୍ରସାରଣ ଅଭିଯାନ ଆରମ୍ଭ କରିବାକୁ ପଡ଼ିପାରେ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,*
*ଦୂରଭାଷ : ୯୮୬୧୪୬୩୪୦୬*

## ପଣ୍ଡିତ ବୀରବଲ



ବିଜୟ କୁମାର ଛାଟୋଇ

ସମ୍ରାଟ ଆକବରଙ୍କ ରାଜ ଦରବାରରେ ନଅ ଜଣ ପଣ୍ଡିତ ଥିଲେ । ଏହି ପଣ୍ଡିତମାନଙ୍କୁ ନବରତ୍ନ ପଣ୍ଡିତ ବୋଲି କୁହାଯାଉଥିଲା । ସମ୍ରାଟ ଆକବର ଏମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରି ରାଜକାର୍ଯ୍ୟ ତୁଲାନ୍ତି । ଏହି ପଣ୍ଡିତମାନଙ୍କ ମଧ୍ୟରେ ବୀରବଲ ଥିଲେ ଅତ୍ୟନ୍ତ ବୁଦ୍ଧିମାନ ଓ ବିଚାରବନ୍ତ । ତାଙ୍କର ପରୋପକାରଗୁଣ ଯୋଗୁଁ ଲୋକେ ତାଙ୍କୁ ମାନୁଥିଲେ । ସମ୍ରାଟ ଆକବର ମଧ୍ୟ ବୀରବଲଙ୍କୁ ବହୁ ସମ୍ମାନ କରନ୍ତି। ରାଜ ଦରବାରରେ ଜିରାଛୁଙ୍କ ହେଲେ ବି ବୀରବଲଙ୍କୁ ଜଣାହୁଏ। ନଅଜଣ ପଣ୍ଡିତଙ୍କ ଗହଣରେ ବୀରବଲ ଥିଲେ ଶ୍ରେଷ୍ଠ ଜ୍ଞାନୀ । ତାଙ୍କ ପାଖରେ ଅହଂକାର ନ ଥିଲା । ଉପସ୍ଥିତ ବୁଦ୍ଧି ଯୋଗୁଁ ସେ ରାଜାଙ୍କର ପ୍ରିୟ ହୋଇଯାଇଥିଲେ। ଏକଥାଟିକୁ ରାଜଦରବାରର ଅନ୍ୟପଣ୍ଡିତମାନେ ଆଖି ସହି ପାରୁ ନ ଥିଲେ। ତେଣୁ ସେମାନେ ବୀରବଲଙ୍କ ଉପରେ ଖପ୍ପା ହେଉଥିଲେ। ବୀରବଲ ରାଜାଙ୍କର ଅତି ଘନିଷ୍ଠ ହୋଇଯିବାକାରଣରୁ ଅନ୍ୟ ପଣ୍ଡିତମାନେ ରାଗରେ ଗରଗର ହୁଅନ୍ତି । ସେମାନେ ବୀରବଲଙ୍କ ପାଇଁ ଫାନ୍ଦ ରଚିଲେ। ଅନେକ ମିଛ ଷଡଯନ୍ତ୍ର ଭିଆଇଲେ । ସମ୍ରାଟ ଆକବରଙ୍କ ଆଗରେ ବହୁ ଲଗେଇ ଯୁଟେଇ କହିଲେ। କିନ୍ତୁ ଆକବର ଅନ୍ୟ ପଣ୍ଡିତମାନଙ୍କ କଥା ଶୁଣୁ ନ ଥାଆନ୍ତି । ତେଣୁ ପଣ୍ଡିତମାନଙ୍କର ଚାଲ୍ ସବୁ ଫସର ଫାଟିଯାଏ।

ଦିନେ ଅନ୍ୟପଣ୍ଡିତମାନେ ଗୁପ୍ତ ସଭାଟିଏ କଲେ। ସେହି ସଭାରେ ଜଣକୁ ଦଳପତି ରଖିଲେ। ସେହି ଦଳପତି ଜଣକ ରାଜଦରବାରରେ ଏମାନଙ୍କ ତରଫରୁ ପ୍ରତିନିଧିତ୍ୱ କରିବ ବୋଲି ସିଦ୍ଧାନ୍ତ ହେଲା । ଆସନ୍ତା କାଲି ଦରବାର ବସିବ । ସମ୍ରାଟ ଆକବର ନିମନ୍ତ୍ରଣ ପଠାଇଲେ। ପଣ୍ଡିତମାନଙ୍କର ଆଖିରେ ନିଦ ନାହିଁ। କେମିତି ସକାଳ ହେଲେ ରାଜଦରବାରରେ ପହଞ୍ଚିବେ। ସକାଳ ପାହିଲା। ସମସ୍ତେ ନିତ୍ୟକର୍ମ ସାରି ସଭାରେ ଉପସ୍ଥିତ ହେଲେ । ସମ୍ରାଟ ମଧ୍ୟ ସିଂହାସନ ଆରୋହଣ କଲେ । ବୀରବଲ କୌଣସି କାରଣ ଯୋଗୁଁ ସେ ବାହାରକୁ ଯାଇଛନ୍ତି । ସେ ସଭାରେ ଅନୁପସ୍ଥିତ ରହିବେ ବୋଲି ସମ୍ରାଟ ଆକବର ଏକ ମିଛ ସୂଚନା ଦେଲେ। ବୀରବଲଙ୍କ ଅନୁପସ୍ଥିତ ଖବର ଶୁଣି ଅନ୍ୟ ପଣ୍ଡିତମାନେ ଭାରି ଖୁସି ହେଉଥିଲେ। ପରସ୍ପର କାନ କୁହାକୁହି ହେଲେ ଆମେ ଆଜି ସମ୍ରାଟଙ୍କୁ ମିଛସତ କହି ବୀରବଲକୁ ବଦନାମ କରିବା। ଏହି ପଣ୍ଡିତମାନଙ୍କର ହାବଭାବକୁ ସମ୍ରାଟ ଲକ୍ଷ୍ୟ କରି କହିଲେ – ଆହେ ଦଳପତି ପଣ୍ଡିତେ ! ଆପଣଙ୍କର ଆଜି ଜ୍ଞାନ ବୁଦ୍ଧି ପରୀକ୍ଷା ହେବ। ତୁମେ ଏଠାରେ ଉପସ୍ଥିତ ହୁଅ। ଏ କଥା ଶୁଣି ପଣ୍ଡିତଙ୍କର ପିହ୍ଲେଇ ପାଣି ! ସେ ଭୟରେ ଭୟରେ ସମ୍ରାଟଙ୍କ ନିକଟକୁ ଗଲେ। ସମ୍ରାଟ ତାଙ୍କୁ କିଛି ପ୍ରଶ୍ନ ପଚାରିଲେ। ସେହି ପ୍ରଶ୍ନର ଉତ୍ତରକୁ ଦେବାପାଇଁ ପଣ୍ଡିତେ ଦରବାରର ପଛପଟକୁ ତିନିଥର ଯିବାକୁ ପଡିଲା। କିନ୍ତୁ ବୀରବଲ ଏକା ଥରକେ ଉତ୍ତର ଦେଇ କହିଲେ – 'ଆଜ୍ଞା ! ଦରବାରର ପଛପଟେ ଗୋଟିଏ ମାଈକୁକୁର ପାଞ୍ଚ?ଟି ଛୁଆ ଜନ୍ମ କରିଛି। ସେଥିରୁ ଦୁଇଟି ଅଣ୍ଡିରା ଏବଂ ତିନୋଟି ମାଈଛୁଆ। ଅଣ୍ଡିରାରୁ ଗୋଟିଏ ଗାଢକଳା ଓ ଅନ୍ୟଟି ବାଦାମୀ ଅଟେ ଏବଂ ମାଈ ଛୁଆରୁ ଦୁଇଟି ଗାଢକଳା ଓ ଅନ୍ୟଟି ବାଦାମୀ ରଙ୍ଗର ଅଟନ୍ତି ।' ସମସ୍ତେ ବୀରବଲଙ୍କର ଉତ୍ତର ଶୁଣି ତାଟକା ହେଲେ। ଧୀର ଓ ସ୍ଥିର ବୁଦ୍ଧି ଯୋଗୁଁ ଏଭଳି ପ୍ରତିଯୋଗିତାରେ ବୀରବଲ ସଫଳ ହେଲେ। ଅନ୍ୟ ପଣ୍ଡିତମାନେ ଲାଜରେ ମୁହଁ ତଳକୁ କରୁଥାଆନ୍ତି। ତେଣୁ କୁହାଯାଏ –

' ରାଗ ରୋଷ କେବେ କରିବା ନାହିଁ
ଅହଂକାର ଗର୍ବ ଭଲ ନୁହଁଇ //
ଦଇବ ଦେଇଛି ଯାହାକୁ ଯାହା
ସୁଖେ ଭୋଗୁଥିବା ମରତେ ତାହା //

*ସାକ୍ଷୀଗୋପାଳ, ପୁରୀ*




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିୟୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।



## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବାଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ' ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁ । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ' କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁ । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁ । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗ୍ନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ' ସ୍ମରଣିକା ' ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା। ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଈଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।




# ରାଇରଙ୍ଗପୁର ଡାକ ବିଭାଗ ଆନୁକୂଲ୍ୟରେ ଅଢାଇ ଅକ୍ଷର ଚିଠି ଲେଖା ପ୍ରତିଯୋଗିତା

ରାଇରଙ୍ଗପୁର,(ପି.ଏନ): ରାଇରଙ୍ଗପୁର ମହାବିଦ୍ୟାଳୟ ଠାରେ ରାଇରଙ୍ଗପୁର ଡାକ ବିଭାଗ ଦ୍ୱାରା ଆୟୋଜିତ ଶୀର୍ଷକ ଡିଜିଟାଲ ଯୁଗରେ ଚିଠି ଲେଖାର ଆନନ୍ଦ ଉପରେ ଏକ ଚିଠିଲେଖା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି କ୍ଷ କାର୍ଯକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଏକ ପ୍ରାରମ୍ଭିକ ସଭା ଭାରପ୍ରାପ୍ତ ଅଧକ୍ଷ ଡକ୍ଟର ବୀରକିଶୋର ଚାଉପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା କ୍ଷ ସଭାର ମୁଖ୍ୟ ଅତିଥି ରାଇରଙ୍ଗପୁର ଡାକ ବିଭାଗର ସୁପରିଣ୍ଟେଡେଣ୍ଟ ଗୌରାଙ୍ଗ ଚରଣ ବେହେରା ,ସମ୍ମାନୀୟ ଅତିଥି ମାନଙ୍କ ମଧ୍ୟରେ ପରିବେଶ ବିତ ପ୍ରଦୀପ୍ତ କବି, କଥାଶିଳ୍ପୀ ଲଳିତ ମହନ୍ତ ଅନ୍ୟତମ ସମ୍ମାନିତ ଅତିଥି ବିଜେପି ନଗର ସଭାପତି ସୁରଥ କୁମାର ପଟ୍ଟନାୟକ ,ଡାକ ବିଭାଗର ଅଫିସ ସହକାରୀ ଦୀପକ କୁମାର ,ଓଡ଼ିଆ



ଅଧାପକ ଡକ୍ଟର ମିଳନ ମହାନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ମଞ୍ଚରେ ମଞ୍ଚାସିନ ଥିବା ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅଧାପକ ହେମନ୍ତ ଗିରି ,ବିଭୂତି ଭୂଷଣ ପାଣିଗ୍ରାହୀ ,ମେନକା ମହାକୁଡ ,ଜିନୀୟା ଭଟ୍ଟାଚାର୍ଯ୍ୟ, ମେଜର ହେମେନ୍ଦ୍ର ରାଉତ ଏବଂ ବିକ୍ରମ ବେଶ୍ରା କ୍ଷ ଆଜିର ଚିଠିଲେଖା ପ୍ରତିଯୋଗିତା ଦୁଇଟି ବର୍ଗରେ ଥିଲା ଗୋଟିଏ ଅଠର ବର୍ଷରୁ କାମ ଏବଂ ଅନ୍ୟଟି ଅଠର ବର୍ଷରୁ ଉର୍ଦ୍ଧ ପୁଣି ଗୋଟିଏ ପାଞ୍ଚଶହ ଅକ୍ଷର ଅନ୍ୟଟି ହଜାରେ ଅକ୍ଷର ମଧ୍ୟରେ ସୀମିତ ଥିଲା କ୍ଷ କନିଷ୍ଠ ବର୍ଗରେ ୨୦ ଜନ ପ୍ରତିଯୋଗୀ ଭାଗ ନେଇଥିଲା ବେଳେ ବରିଷ୍ଠ ବର୍ଗରେ ୧୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ କ୍ଷ ବରିଷ୍ଠ ବର୍ଗରେ ବୟସ ସୀମା କିଛି ନ ଥିଲା ଯାହାଫଳରେ ୬୫ରୁ ୭୦ ବର୍ଷର ବୟସ୍କ ବ୍ୟକ୍ତିମାନେ ମଧ ଅଂଶ ଗ୍ରହଣ କରିଥିଲେ କ୍ଷ ଆସନ୍ତା ୨୫ ତାରିଖ ଶନିବାର ମଧ ଆଲଚିକି (ସାନ୍ତାଳୀ ଭାଷାରେ ) ମଧ ଆଉ ଏକ ଅନୁରୂପ କାର୍ଯକ୍ରମ କରାଯିବାର ସିଦ୍ଧାନ୍ତ ହୋଇଥିବା କଥା ଆୟଜକ ପୋଷ୍ଟ ଫୋରମର ସଦସ୍ୟ ସୁରଥ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# କଣ୍ଟାନାଳି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

ପାଲଲହଡା,(ପି.ଏନ):ପାଲଲହଡା ବ୍ଲକରେ ବିଭିନ୍ନ ବିଦ୍ୟାଳୟ ରେ ଶିକ୍ଷା କ୍ଷେତ୍ରରେ ଅବହେଳା ଥିବା ବାରମ୍ବାର ଅଭିଯୋଗ ପରେ ଶିକ୍ଷକ ମାନଙ୍କ ଦିନ ଦିନ ଧରି ଅନୁପସ୍ଥିତ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ପ୍ରକାଶ ହେବା ପରେ ଏବେ ଛାତ୍ର ଛାତ୍ରୀ ଙ୍କ ଖାଦ୍ୟ ଉପରେ ପ୍ରଶ୍ନ ଉଠିଛି ।କଣ୍ଟାନାଳି ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୯୩ ଜଣ ଛାତ୍ର ଛାତ୍ରୀ ଥିବା ବେଳେ ଗୁରୁବାର ଦିନ ୪୦ ଜଣ ଛାତ୍ରୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ ପଚାରିବାରୁ ୭୫ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଅଛନ୍ତି। ସହକାରୀ ଶିକ୍ଷକ ଓ ରୋଷଇ ଦାଇତ୍ୱରେ ଥିବା ରୋଷେୟା କହିଛନ୍ତି ଆଜି ୪୦ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଅଛନ୍ତି ଓ ୪୦ ଜଣ ଛାତ୍ର ଛାତ୍ରୀ ଙ୍କ ପାଇଁ ଖାଦ୍ୟ ରନ୍ଧା ହୋଇଛି। ତେବେ ଏଠି ପ୍ରଶ୍ନ ଉଠୁଛି ଅବଶିଷ୍ଟ ଖାଦ୍ୟ କୁଆଡ଼େ ଗଲା। ପ୍ରଧାନ ଶିକ୍ଷୟତ୍ରୀ ଙ୍କୁ କାହିଁକି ୭୫ ଜଣଙ୍କ ବିଦ୍ୟାଳୟ ରେ ଉପସ୍ଥାନ ପଡିଛି



ବୋଲି ପ୍ରଶ୍ନ କରିବାରୁ ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ଯେ ବଜାର ଦର ଦାମ ଠାରୁ ସରକାର ଆମକୁ କମ ଟଙ୍କା ଦେଉଥିବାରୁ ଆମେ ଅଧିକ ଛୁଆ ଙ୍କ ଉପସ୍ଥାନ ପକାଉଛୁ। ସେପଟେ ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି ଯେ ବିଦ୍ୟାଳୟରେ ଯେତିକି ଛାତ୍ର ଛାତ୍ରୀ ଉପସ୍ଥିତ ଥିବେ ସେତିକି ରୋଷେଇ ହେବା କଥା ଜଦି ପ୍ରଧାନ ଶିକ୍ଷୟତ୍ରୀ ଏପରି ଭୁଲ କରିଛନ୍ତି ତେବେ ଆମେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ। ଗୁରୁବାର ଦିନ ଛାତ୍ର ଛାତ୍ରୀ ଙ୍କ ପାଇଁ ଥିବା ସାରଣୀ ଅନୁଯାଇ ଭାତ ଡାଲମା ଥିବା ବେଳେ ଡାଲିରେ କୌଣସି ପରିବା ନପଡି କେବଳ ପାଣିଆ ଡାଲି ହୋଇଥିବା ଦେଖିବାକୁ ମିଳିଥିଲା। ଛାତ୍ର ଛାତ୍ରୀ ଙ୍କ ପାଇଁ କେବଳ ପାଣିଆ ଡାଲି ପ୍ରସ୍ତୁତ ହୋଇଥିବା ବେଳେ ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କ ପାଇଁ ଫୁଲ କୋବି ତରକାରୀ ଓ ଝୋଡ଼ଙ୍ଗ ଭଜା ହୋଇଥିବା ଦେଖିବାକୁ ମିଳିଥିଲା ।କେବଳ ଏଠାରେ ଗ୍ରାମବାସୀ ଯଥାଶିଘ୍ର ପ୍ରଧାନ ଶିକ୍ଷୟତ୍ରୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁଦାବି କରିଛନ୍ତି।

# ଶ୍ରୀଜଗନ୍ନାଥ +୨ କଲେଜରେ ଛାତ୍ରୀ ଆତ୍ମ୍-ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବଡସାହି : ବଡସାହି ବ୍ଲକ ଅଧିନସ୍ତ ବାଲିଯୋଡା ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ +୨ କଲେଜରେ ଛାତ୍ରୀ ଆତ୍ମ୍-ସୁରକ୍ଷା ପ୍ରଶିକ୍ଷଣ ଶିବିର ଜାନୁୟାରୀ ୬ ତାରିଖରେ ଆରମ୍ଭ ହୋଇ ଜାନୁୟାରୀ ୧୭ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନ ଦିବସରେ କଲେଜର ଅଧ୍ୟକ୍ଷ ସନ୍ତୋଷ ଦାସ ସଭାପତିତ୍ୱ କରିଥିଲେ । ପ୍ରୋଗ୍ରାମ ଅଫିସର ନାରାୟଣ ପ୍ରୋଦାରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହି ୮ ଦିନିଆ ତାଲିମ ଶିବିର ସୁରୁଖୁରରେ ସମାପ୍ତ ହୋଇଯାଇଛି । ଏଥିରେ ମାଷ୍ଟର ଟ୍ରେନର ରୂପେ କ୍ରୀଷ୍ଟାରାଉତ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ । ଉଦ୍‌ଯାପନୀ ଦିବସରେ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା । ଉକ୍ତ ସଭାର ପରିଚାଳନା ଅଧ୍ୟାପକ ରାଜେଶ ସାହୁ କରିଥିଲେ । ଏଥିରେ ଅଧ୍ୟାପକ ବିକାଶ ମହାପାତ୍ର, ଅଧ୍ୟାପିକା ମମତା ସାମଲ, ଜେମୋନଷ୍ଟ୍ରେଣ ସସ୍ମିତା ଦତ୍ତ ତଥା ଅନ୍ୟମାନେ ଯୋଗଦାନ କରିଥିଲେ । ସଭାଶେଷରେ ଅଧ୍ୟାପକ ରଜତ କରଣ ଅଧ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରଶିକ୍ଷାମନ୍ତ୍ରୀ ଆମକୁ ବଂଚାଇ ଦିଅ ! କମଳମତୀ ଛାତ୍ରଛାତ୍ରୀଙ୍କ ଆକୁଳ ନିବେଦନ

ତାଳଚେର, : ତାଳଚେର ପୌରପରିଷଦ ୧୦ନମ୍ବର ୱାର୍ଡ଼ ମଧ୍ୟରେ ରହିଥିବା ଦୁଇଟି ଅଙ୍ଗନାବାଡ଼ି କେନ୍ଦ୍ରକୁ ଲାଗି ରହିଛି । ଦୈନିକ ମାଛ ମାର୍କେଟ ଏହି ମାଛ ମାର୍କେଟର ବେପାରୀମାନେ ମାଛ ବିକ୍ରି କରିସାରି ମାଛର ଅଦରକାରୀ ଜିନିଷକୁ ସେହି ନିକଟରେ ଫୋପାଡ଼ି ଦେଉଥିବାରୁ ଅଂଚଳଟି ଦୁର୍ଗନ୍ଧରେ ନାକ ଫାଟି ପଡ଼ିଥାଏ ଓ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ । ଏଭଳି ଏକ ଅସ୍ୱାସ୍ଥ୍ୟକର ପରିବେଶରେ କମଳମତୀ



ଛାତ୍ରଛାତ୍ରୀ ମାନେ କିପରି ଭାବେ ସେଠାରେ ଶିକ୍ଷାଗ୍ରହଣ କରିବେ ତାକୁ ନେଇ ଅଭିଭାବକ ଓ ଅଭିଭାବିକା ମାନେ ଚିନ୍ତାବ୍ୟକ୍ତ କରୁଛନ୍ତି । ଏସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପୌପରିଷଦକୁ ବାରମ୍ବାର ଅଭିଯୋଗ କଲେ ମଧ ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଭାବକମାନେ ବଡ଼ ଦୁଃଖର ସହ ଏହା ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କର ଏଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ଏହି କେନ୍ଦ୍ରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ କେନ୍ଦ୍ରଶିକ୍ଷା ଦକ୍ଷତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି । ଏଥିସହ ମୋ ତାଳଚେର ପକ୍ଷରୁ ମନ୍ତ୍ରୀଙ୍କୁ ମଧ ଅନୁରୋଧ କରାଯାଇଛି ।

# ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟର ୪୧ ତମ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣୀଗ୍ରାମସ୍ଥିତ ଗ୍ରାମ ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେ ୪୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି କ୍ଷ ଦୁଇ ଦିନ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରସନ କୁମାର ପଟ୍ଟନାୟକ ସଭାପତି ଭାବେ ମଞ୍ଚ ପରିଚାଳନା କରିଥିଲେ କ୍ଷ ଉଦ୍ଘାଟନୀ ଦିବସ ରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ର ଚେୟାରମ୍ୟାନ ସୁରେଶ କୁମାର ଓଝା ଯୋଗଦେଇ ପ୍ରତିଯୋଗିତା କୁ ଉଦଘାଟନ କରିଥିଲେ କ୍ଷ ତାଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ସଞ୍ଜୟ କୁମାର ଦାସ ଏବଂ ୱାର୍ଡ ମେମ୍ବର ସରୋଜ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ କ୍ଷ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ଶ୍ରୀଧର ମହାରଣା ଅତିଥି ପରିଚୟ କରାଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ କ୍ଷ ସଂସ୍କୃତ ଶିକ୍ଷୟତ୍ରୀ ଜାନକୀ ସାହୁ ଶପଥ ପାଠ




କରାଇଥିଲେ କ୍ଷ କ୍ରୀଡା ଶିକ୍ଷୟତ୍ରୀ ବବିସ୍ମାତା ନାୟକ ସୁନ୍ଦର ଭାବେ ଖେଳ ପରିଚାଳନା କରିଥିଲେ କ୍ଷ ବିଦ୍ୟାଳୟର ଶିକ୍ଷକ ତଥା ରାଜୀବ ନାଏକ,ପଦ୍ମଲୋଚନ ବାରିକ, ନାରାୟଣ ସାହୁ, ସରୋଜ କୁମାର ସାହୁ,ସତ୍ୟବ୍ରତ ନାଥ, ଚଗୁଲୁ ନାଏକ ଏବଂ ଶିକ୍ଷୟତ୍ରୀ ଦେବସ୍ମିତା ଚୌଦୂରୀ,ସସ୍ମିତା ଦାସ, ସୁଚିତ୍ରା ସାହୁ, ଅନପୂର୍ଣା ସେଠି ପ୍ରମୁଖ ସମସ୍ତ ଖେଳ ପ୍ରତିଯୋଗିତା କରିଥିଲେ କ୍ଷ ବିଏଡ଼ କଲେଜ ର ଛାତ୍ରୀ ମାନେ ବହୁତ ସହଯୋଗ କରିଥିଲେ କ୍ଷ ଖେଳ ର ଦ୍ୱିତୀୟ ଦିନ ରେ ଶାଳବଣି ଗ୍ରାମ ପଂଚାୟତ ର ସରପଞ୍ଚ ସୁବାଶିନୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ଙ୍କର ଆଗାମୀ ଜୀବନ ଭବିଷ୍ୟତ ଉଜ୍ୱଳ ହେବା କାମନା କରିଥିଲେ ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା: ସୁଧୁରୁନି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିମଳ ବ୍ୟବସ୍ଥା

## ହିନସ୍ଥା ହେଉଛନ୍ତି ରୋଗୀ, ବାରମ୍ବାର ଅଭିଯୋଗ ସତ୍ୱେ ଘଣ୍ଟ ଘୋଡାଉଛି ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠନ ପାଇଁ ଦାବୀ

ତେଲକୋଇ : ତେଲକୋଇ ବ୍ଲକ ସଦର ମହକୁମା ରେ ଅବସ୍ଥିତ ଥିବା ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି ।ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ତେଲକୋଇ ବ୍ଲକର ୨୨ଟି ପଞ୍ଚାୟତର ବାସିନ୍ଦା ସମେତ ପଡୋଶୀ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲା ସୀମାନ୍ତ ଅଞ୍ଚଳର କେତେକ ଗ୍ରାମର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରି ଥାଆନ୍ତି ।ପରିତାପର ବିଷୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସମେତ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାରୁ ଲୋକେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୁହଁ ଫେରାଉ ଥିବା ଅଭିଯୋଗ ହୋଇଛି ।ଦୀର୍ଘ ୮ ରୁ ୯ ମାସ ହେବ ପାଇଖାନା ସମେତ ଗାଧୁଆ ବ୍ୟବସ୍ଥା ଭାଙ୍ଗିରୁଜି ଅଚଳ ହୋଇ ପଡ଼ିଥିବାରୁ ରୋଗୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।କେତେକ ରୋଗୀ



ବାହାରକୁ ଏବଂ ନିକଟସ୍ଥ ସମାକୋଇ ନଦୀକୁ ଶୌଚ ପାଇଁ ଯାଉଛନ୍ତି। ଗର୍ଭବତୀ ଓ ପ୍ରସବ କରୁଥିବା ମହିଳା ନାହିଁ ନଥିବା ଅସୁବିଧାର ଭୋଗୁ ଛନ୍ତି ।ସେହିପରି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଦୁର୍ଗନ୍ଧ ରେ ଫାଟି ପଡୁଥିବା ବେଳେ କୌଣସି ପ୍ରତିକାର କରାଯାଉ ନାହିଁ । ଚିକିତ୍ସା ପାଇଁ ଆସୁଥିବା ରୋଗୀ ବିଭିନ୍ନ ସଂକ୍ରମଣ ରେ ଶିକାର ହେବା ଆଶଙ୍କା ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଗଣ ମାଧ୍ୟମରେ ବହୁବାର ଖବର ପ୍ରକାଶ ପାଇଥିଲେ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦୃଷ୍ଟି ପଡୁ ନଥିବା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ହୀନତା କୁ ପଦାରେ ପକାଇଛି ।ଅନ୍ୟପଟେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ପରିଚାଳନା ଓ ପରିମଳ ବ୍ୟବସ୍ଥା ପାଇଁ ସରକାର ବିଭାଗ ଜରିଆରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ବି.ପି.ଏମ୍ ଉକ୍ତ ଅର୍ଥକୁ ଚଞ୍ଚକତା କରି ହରିଲୁଟ କରୁଥିବା ଅଭିଯୋଗ ହୋଇଛି ।ଯାହା ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରର ପରିମଳ ବ୍ୟବସ୍ଥା ସୁଧୁରି ପାରୁ ନଥିବା କୁହା ଯାଉଛି ।ସେହିପରି ତେଲକୋଇ ବିଧାୟକ ଡାକ୍ତର ଫକିର ମୋହନ ନାଏକ ପୂର୍ବରୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ କାର୍ଯ୍ୟ କରିଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଓ ରୋଗୀଙ୍କ ଅସୁବିଧାକୁ ଅଙ୍ଗେ ନିଭାଇ ଛନ୍ତି ।ମାତ୍ର ଅଦ୍ୟାବଧି ବିଧାୟକ ଡାକ୍ତର ଶ୍ରୀ ନାଏକ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ଓ ପରିମଳ ବ୍ୟବସ୍ଥା ଉପରେ କୌଣସି ପଦକ୍ଷେପ ନେଉ ନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି ।

# ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ର ୫୬ତମ ସ୍ମୃତି ଦିବସ

ଯୋଡ଼ା /ବଡ଼ବିଲ -ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ୧୯୩୬ ମସିହାରେ ଦାଦା ଲେଖରାଜଙ୍କ ସାକାର ମାଧ୍ୟମରେ ନିରାକାର ଶିବ ପିତା ପରମାତ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଏବଂ ଦାଦା ଲେଖରାଜଙ୍କୁ ପିତାଶ୍ରୀ ପ୍ରଜାପିତା ବ୍ରହ୍ମା ନାମ ଦେଇଥିଲେ। ସେ ଦୀର୍ଘ ୩୩ ବର୍ଷ ଧରି ନିରନ୍ତର ତୀବ୍ର ପୁରୁଷାର୍ଥ ଦ୍ୱାରା ସମ୍ପୂର୍ଣାତ କୁ ହାସଲ କରି ତାଙ୍କର ସ୍ଥୁଳ ଶରୀରକୁ ପରିତ୍ୟାଗ କରି ଏକ ସୂକ୍ଷ୍ମ ଶରୀର ଧାରଣ କରିଥିଲେ। ସେଥିପାଇଁ ପ୍ରତିବର୍ଷ ସଂଗଠନ ପକ୍ଷରୁ ୧୮ ଜାନୁଆରୀକୁ ସ୍ମୃତି ଦିବସ ଭାବରେ ପାଳନ କରାଯାଉଛି। ଆଜି ଭାରତ ଏବଂ ୧୪୦ଟି ଦେଶର ୮୫୦୦ ସେବା କେନ୍ଦ୍ରରେ ୫୬ତମ ସ୍ମୃତି ଦିବସ ପାଳନ କରାଯାଇଥିଲା। ଏହି ସ୍ମୃତି ଦିବସରେ



ବଡ଼ବିଲ ଶାଖା ଦ୍ୱାରା ଶନିବାର ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଏବଂ ବ୍ରହ୍ମା ବାବାଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିବା ସହିତ ଯୋଗ ସାଧନା ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବଂ ରାଜଯୋଗ ଅଭ୍ୟାସ ଦ୍ୱାରା ସମାଜ ଏବଂ ପ୍ରକୃତିକୁ ଶାନ୍ତି, ପ୍ରେମ, ସଦ୍ଭାବନା ଏବଂ ଶୁଭକାମନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଧ୍ୟାତ୍ମିକ ପ୍ରେମୀ ଭାଇ ଭଉଣୀମାନେ ମଧ୍ୟ ପ୍ରତିଜ୍ଞା ନେଇଥିଲେ ଯେ ପିତାଶ୍ରୀଙ୍କ ପଦାଙ୍କ ଅନୁସରଣ କରି, ଆମେ ନିରାକାରୀ, ନିର୍ବିକାରୀ ଏବଂ ନିରହଁକାରୀ ହୋଇ ଆମର ସ୍ୱାର୍ଥକୁ ତ୍ୟାଗ କରି, ସମାଜର ସମସ୍ତଙ୍କ ସେବା କରି ଆଧ୍ୟାତ୍ମିକତା ଦ୍ୱାରା ଯନ୍ତ୍ରଣାଦାୟକ ଦୁନିଆ କୁ ସୁଖୀ ସ୍ୱର୍ଗରେ ପରିଣତ କରିବୁ । ଯୋଡା, ବୋଲାନି, କିରିବୁରୁ, ନୋଆମୁଣ୍ଡି ଇତ୍ୟାଦି ବିଭିନ୍ନ ସ୍ଥାନରୁ ଆଧ୍ୟାତ୍ମିକ ପ୍ରେମୀ ଭାଇ ଏବଂ ଭଉଣୀମାନେ ଏଥିରେ ଯୋଗଦାନ ଦେଇଛନ୍ତି । ସଂଗଠନର ସଂଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ଥାନୀୟ ଶାସନକୁ ମଜବୁତ କରିବା ପାଇଁ ସମ୍ମିଳନୀ ସଭା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ,(ପି.ଏନ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ରହିଥିବା ୨୦ ରୁ ଉର୍ଦ୍ଧ୍ୱ ବିଭାଗୀୟ ର ମୁଖ୍ୟ ଅଧିକାରୀ ମାନଙ୍କୁ ନେଇ ସ୍ଥାନୀୟ ଶାସନକୁ ମଜବୁତ କରିବା ପାଇଁ ସମ୍ମିଳନୀ ସଭା ଏବଂ ସମ୍ପ୍ରଦାୟର ଅଂଶଗ୍ରହଣ କାର୍ଯ୍ୟକ୍ରମ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଡ଼ିଓ ମିଳନ କୁମାର ଝାଙ୍କରଙ୍କ ଗୁରୁତ୍ୱପୂର୍ଣ୍ଣ ସଭାପତିତ୍ୱ ନେତୃତ୍ୱରେ ମୁଖ୍ୟ ଥିବା ବେଳେ



ଏହାକୁ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ସ୍ଥାନୀୟ ଜିପିଡିଓ ବେଦବ୍ୟାସ ହରପାଳ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି ବୈଠକରେ ମୁଖ୍ୟ ଭାବେ ଏଇ ଅଭିଷେକ ସଡଙ୍ଗି ଓ ସିଡିପିଓ ସୁକନ୍ତଳା ଦାସ ଯୋଗ ଦେଇ ଥିବା ବେଳେ ଏଥିରେ ସ୍ଥାନୀୟ ସରପଞ୍ଚ,ଡାକ୍ତର,ଏଡିଓ,ଜେଇ, ପିଇଓ,ଶିକ୍ଷା ବିଭାଗ, ମିଶନ ଶକ୍ତି ଅଧିକାରୀ ଏବଂ ପଶୁ ଚିକିତ୍ସା ବିଭାଗ ଏପରି ବିଭିନ୍ନ ବିଭାଗର ମୁଖ୍ୟ ବ୍ୟକ୍ତି ବିଶେଷ ମାନେ ଇତ୍ୟାଦି ଉପସ୍ଥିତ ଥିଲେ।

# ଧାନମଣ୍ଡି ପୂଜାର୍ଚ୍ଚନା ହେବା ସହ ଧାନ ଖରିଦ୍ ପାଇଁ ପ୍ରକ୍ରିୟା ଆରମ୍ଭ

ଅନୁଗୁଳ : ଅନୁଗୁଳ ଜିଲ୍ଲା ବଣ୍ଡରପାଳ ବ୍ଲକ୍ ର ଗଡସନ୍ତୀ ଗ୍ରାମରେ ଆଜି ସମବାୟ ସମିତି ଅଧୀନରେ ଧାନମଣ୍ଡି ପୂଜାର୍ଚ୍ଚନା ହେବା ସହ ଧାନ ଖରିଦ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପ୍ରଥମରୁ ଏଠାରେ ଧାନକିଣାକୁ ନେଇ ସମସ୍ୟା ଦେଖା ଦେଇଥିବା ବେଳେ ଚାଷୀ ନିଜ ଧାନ ବାଧରେ ବିକ୍ରି କରୁଥିବା ଦେଖା ଦେଇଚି। ଅନ୍ୟପଟେ କଟନି ଛଟନି ନେଇ ଚାଷୀଙ୍କ ସହ ମିଲରଙ୍କ ବିବାଦ ଲାଗି ରହିଥିବା ବେଳେ ବିଧାୟକକୁ ଗ୍ରାମ ବାସି ମାନେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନଥିଲା। ମିଳିଥିବା ଖବର ଅନୁସାରେ ଗଡସନ୍ତୀ ଗ୍ରାମରେ ଥିବା ଚାଷୀ ମାନଙ୍କର ଧାନ କିଣା ପାଇଁ ପ୍ରସ୍ତୁତି ଆଜି ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୩୦ ଜଣ ଚାଷୀ ନିଜର ଟୋକନ ମୁତାବକ ଧାନ ନେଇ ମଣ୍ଡିକୁ ଆସିଥିଲେ। ସମବାୟ ସମିତିର ସଭାପତି ବସନ୍ତ



କୁମାର ମାଝୀ ଓ ସମ୍ପାଦକ ଅଭିଜିତ ମାଝିଙ୍କ ଉପସ୍ଥିତିରେ ଦୁର୍ଯ୍ୟଧନ ମାଝୀଙ୍କ ଦ୍ୱାରା ମଣ୍ଡି ଉଦ୍ଘାଟନ ହୋଇ ଧାନକିଣା ଆରମ୍ଭ ହୋଇଥିଲା। ମିଲର ପକ୍ଷରୁ ଧାନ କିଣିବାକୁ ଆସିଥିବା କର୍ମଚାରୀ ଗୁଣବତ୍ତା (ଏଫଏକ୍ୟୁ) ଯାଞ୍ଚ କରିବା ପାଇଁ ଅଡ଼ି ବସିଥିଲେ। କିଛି ଚାଷୀଙ୍କ ଧାନର ଗୁଣବତ୍ତା ପରୀକ୍ଷା କରାଯାଇଥିଲା। ଗୁଣବତ୍ତା ଭଲ ଥିବା ସତ୍ୱେ କୁଇଣ୍ଟାଲ ପ୍ରତି ତିନିକେଜି ଧାନ କଟା ଯାଇଥିଲା। ଯାହା ଫଳରେ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୋର ସକାଳୁ ଦିନ ୧ଟା ପର୍ଯ୍ୟନ୍ତ ବାଦବିବାଦ ରହିଥିବା ବେଳେ ଚାଷୀ ମାନେ ଅସନ୍ତୋଷରେ ଧାନ ବିକ୍ରି କରିଥିବା ସୂଚନା ମିଳିଛି।

# କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଓ ପ୍ରଦର୍ଶନୀମେଳା ଅନୁଷ୍ଠିତ



ସିନାପାଲି : ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ନୀଳଜି କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଗୁନଭାଡିରେ ଦୁଇ ଦିନିଆ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିକ୍ଷଣ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଉଦଘାଟିତ ହୋଇଯାଇଛି ।ଉକ୍ତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ରଙ୍ଗୀତା ପାତ୍ର,ମୁଖ୍ୟବକ୍ତା ଭାବରେ ଶ୍ରୀମତୀ ପ୍ରଭାତ ନଳିନୀ ବେହେରା(ପ୍ରଧାନ ଶିକ୍ଷୟିତ୍ରୀ ବେଲାରାଣୀ ଉଚ୍ଚବିଦ୍ୟାପୀଠ )ବିଶିଷ୍ଟ ଅତିଥିଭାବେ ଶ୍ରୀଯୁକ୍ତ ଏ ବି ଇ ଓ ଶ୍ରୀଯୁକ୍ତ ପ୍ରଦୀପ ପଣ୍ଡା,ସମ୍ମାନିତ ଅତିଥିଭାବେ ଶ୍ରୀଯୁକ୍ତ ପିତାମ୍ବର ଟୋଳଟିଆ (ପ୍ରଧାନ ଶିକ୍ଷକ ନୀଳଜି ଉଚ୍ଚ ବିଦ୍ୟାଳୟ ),ଲକ୍ଷ୍ମୀ କାନ୍ତ ପାତ୍ର,( ପ୍ରଧାନ ଶିକ୍ଷକ ସାଗୁନ ଭାଡ଼ି )ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ସଭାପତି ଭାବରେ ସି ଆର ସି ସି ଶ୍ରୀଯୁକ୍ତ ରାକେଶ କୁମାର ମିଶ୍ର ଯୋଗଦେଇଥିବା ବେଳେ ଶ୍ରୀଯୁକ୍ତ ପ୍ରଦୀପ କୁମାର ମେହେର ମଞ୍ଚପରିଚାଳନା କରିଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



## କିଟ୍‌ରେ ଇଫ୍‌ତାର ପାଳିତ



ଭୁବନେଶ୍ୱର, (ପି.ଏନ): ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବେଶିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ଶ୍ରୀ ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ଅନ୍ୟମାନଙ୍କ ଠାରୁଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର। ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ୍ ଗିଭିଂକୁ ଏକ ଅଭ୍ୟାସରେ ପରଣିତ କରିବା ପାଇଁ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ବିରୂପା ନଦୀରେ ବୁଡ଼ ପକାଇଲେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ



କେନ୍ଦ୍ରାପଡ଼ା,(ପି.ଏନ): ବାରୁଣୀ ତିଥିରେ ବୁଡ ପକାଇଲେ କୋଟି ଜନ୍ମର ପାପରୁ ମୁକ୍ତି ମିଳିଥାଏ ବୋଲି ପ୍ରତ୍ୟେକ ଓଡ଼ିଆଙ୍କ ବିଶ୍ୱାସ ରହିଛି। ଅପେକ୍ଷା ଥାଏ ଏହି ତିଥିକୁ। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଇନ୍ଦୁପୁର ବାରୁଣୀ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ବିରୂପା, କେଲୁଅ, ବ୍ରାହ୍ମଣୀ ନଦୀର ସଙ୍ଗମ ସ୍ଥଳରେ ବୁଧବାର ରାତି ୪ଟାରୁ ଅନୁଷ୍ଠିତ ହୋଇଥିଲା ବାରୁଣୀ ସ୍ନାନ। ଏଥିପାଇଁ ଜିଲ୍ଲା ସମେତ ବାହାର ଜିଲ୍ଲାର ଶ୍ରଦ୍ଧାଳୁମାନେ ଇନ୍ଦୁପୁର ଘାଟରେ ବୁଡ ପକାଇଥିଲେ। ଗୁରୁବାର ସକାଳ ୬ ଟା ୩୦ ପର୍ଯ୍ୟନ୍ତ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ଘାଟରେ ନିଜର ମାନସିକ ପୁରଣ ପାଇଁ ବୁଡ ପକାଇଥିଲେ। ଏଥିସହିତ ବିବାହିତ ନବବଧୂଙ୍କ ବିବାହ ମୁକୁଟ, ପାଞ୍ଛି, ବଉଳପାଟ ସହ ବିବାହ ବେଦୀର ସମସ୍ତ ଉପକରଣ ନଦୀରେ ବିସର୍ଜନ ସହ ଘାଟକୁଳରେ ଭିକ୍ଷୁକ ମାନଙ୍କ ଦ୍ୱାରା ପଡିଥିବା ଚଦରରେ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଅରୁଆ ଚାଉଳ, ବିରି ଓ ଅର୍ଥ ପକାଇବା ପାଇଁ ଏକ ଲମ୍ବା ଧାଡି ଲାଗିରହିଥିଲା। ବିଶ୍ୱାସ ରହିଛି ଘର ଧନଧାନ୍ୟରେ ପୂର୍ଣ୍ଣ ହୁଏ। ନଦୀ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡକୁ ଲକ୍ଷ୍ୟ କରି ଇନ୍ଦୁପୁର ପଞ୍ଚାୟତ ପକ୍ଷରୁ ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ପୃଥକ ଭାବେ ପାହାଚ ନିର୍ମାଣ କରାଯାଇଛି। ବହୁ ପୁରାତନ ପୌରାଣିକ ଓ ଐତିହାସିକ କଥାବସ୍ତୁକୁ ଆଧାର କରି ବ୍ରାହ୍ମଣୀ, ବିରୂପା ଓ କେଲୁଅ ନଦୀର ତ୍ରିବେଣୀ ସଙ୍ଗମରେ ଅନୁଷ୍ଠିତ ଏହି ବାରୁଣୀ ଯାତ୍ରା କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଯାତ୍ରା ଭାବେ ପ୍ରତିଷ୍ଠା ଅର୍ଜନ କରିଛି। ଶିକ୍ଷା ଓ ସଂସ୍କୃତିର ଗନ୍ତାଘର ଭାବେ ପରିଚିତ ରହିଛି ଇନ୍ଦୁପୁର ଅଞ୍ଚଳ। ବିରୁପା ନଦୀର କୂଳରେ କାହିଁ କେଉଁ କାଳରୁ ପୂଜା ପାଇ ଆସୁଛନ୍ତି ମା' ଚଣ୍ଡୀଦେବୀ। ବାରୁଣୀ ଯାତ୍ରା ସମୟରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇବା ସହ ମା'ଙ୍କ ଦର୍ଶନ କଲେ ନିଜର ମାନସିକ ପୂରଣ ହୋଇଥାଏ ବୋଲି କେବଳ ଇନ୍ଦୁପୁର ନୁହେଁ ଜିଲ୍ଲାର ସମସ୍ତ ଅଞ୍ଚଳରେ ବିଶ୍ୱାସ ରହିଥିବାରୁ ବୁଧବାର ଠାରୁ ମନ୍ଦିରରେ ପ୍ରବଳ ଭିଡ଼ ଲାଗିରହିଛି। ସାତଦିନ ଧରି ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହେବ। ତେବେ ଏହି ବାରୁଣୀ ଯାତ୍ରାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବ୍ୟବସାୟୀ ମାନେ ଗୃହ ଉପକରଣ ସହ ବିଭିନ୍ନ ପ୍ରକାର ଦୋକାନ ମେଲାଇ ଦେଇଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ଠାରୁ ଦୀର୍ଘ ୪ ଦିନ ଧରି ବାରୁଣୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ଜିଲ୍ଲା ସମେତ ବାହାର ଜିଲ୍ଲାରୁ ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଶଣ ହେବ। ଏହି ଅବସରରେ କଟକ ଜିଲ୍ଲା ମାହାଙ୍ଗା ସ୍ଥିତ କ୍ଷିତିଜ୍ୟୋତି ଆଶ୍ରମ ଓ ଅର୍ନ୍ତରାଷ୍ଟ୍ରୀୟ ଆଧାତ୍ମୀକ ସାଜମାଜିକ ବିକାଶ ଟ୍ରଷ୍ଟ ପକ୍ଷରୁ ବିଶ୍ୱଶାନ୍ତି କଲ୍ୟାଣ କୈବଲ୍ୟ ମହାଯଜ୍ଞ ଓ ବାରୁଣୀ ଘାଟରେ ଅନୁଷ୍ଠିତ ନାମଯଜ୍ଞ ପରିବେଶକୁ ଭକ୍ତିମୟ କରିଦେଇଛି। ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ନିକିରାଇ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ ସେଠାରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି। ଏଥିସହିତ ଇନ୍ଦୁପୁର ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଲ୍ଲିକ, ସାମାଜିକ କର୍ମୀ ଦେବାଶୀଷ ସାମଲ ଓ ସାଗର ଜେନା ପ୍ରମୁଖ ବହୁ ସ୍ୱଚ୍ଛାସେବୀ ଜଳଛତ୍ର ଖୋଲି ଜଳଦାନ କରିବା ସହ ବାରୁଣୀ ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ଭତ୍ତା ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପାରାଦ୍ୱୀପ ,(ପି.ଏନ): ଭତ୍ତା ବୃଦ୍ଧି ଅଭିଯାନ,ଓଡିଶା ସଂଗଠନ ତରଫରୁ ମଧୁବାବୁଙ୍କ ନାମରେ ନାମିତ୍ ଭତ୍ତା ଯୋଜନାରେ ୬୦-୭୯ବର୍ଷ ବୟସ୍କ ବରିଷ୍ଠ ନାଗରିକ ହିତାଧିକାରୀ ପାଉଥିବା ଏକ ହଜାର ଟଙ୍କା ଭତ୍ତା ରାଶିକୁ ସର୍ବନିମ୍ନ ତିନିହଜାର ଟଙ୍କା ସହିତ ବିଧବା/ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତା ବୃଦ୍ଧି କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ,ପାରାଦ୍ୱୀପଙ୍କ ଜରିଆରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଆବେଦନ ପତ୍ର ଦିଆଯାଇଛି କ୍ଷ ଏହି ମର୍ମରେ ଶୁକ୍ରବାର ଦିନ ପାରାଦ୍ୱୀପ ପୌରାଞ୍ଚଳର ଭତ୍ତା ହିତାଧିକାରୀମାନେ ବ୍ୟକ୍ତିଗତ ଭାବେ ନିଜେ ନିଜର ଆବେଦନ ପତ୍ର 'ଭତ୍ତା ବୃଦ୍ଧି ଅଭିଯାନ, ଓଡିଶା' ସଂଗଠନ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ କ୍ଷ ପାରାଦ୍ୱୀପସ୍ଥ କପିଳମୁନି ଆଶ୍ରମ ପ୍ରାଙ୍ଗଣ ରୁ ସଂଗଠନର ରାଜ୍ୟ ସଭାପତି ବୃନ୍ଦାବନ ଦାସ ଆଜାଦ, ରାଜ୍ୟ କାର୍ଯ୍ୟକାରିଣୀ ଓ ଜିଲ୍ଲା ସଂଯୋଜକ ସୁଶାନ୍ତ ଶେଖର ସ୍ୱାଇଁ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରେମତା ବାରିକ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃଷ୍ଣ ଚନ୍ଦ୍ର ଦାଶ,ପାରାଦ୍ୱୀପ ସଂଯୋଜକ ସୁଧାଂଶୁ ବାଇ,ରବୀନ୍ଦ୍ର କର ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ଏକ ଶୋଭାଯାତ୍ରାରେ ଆସି ଅତିରିକ୍ତ ଜିଲ୍ଲାପାଳଙ୍କୁ ନିଜର ଦାବିପତ୍ର ଦେଇଥିଲେ।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ସାଲାରି ୱାଲା ପ୍ଲାନର ଶୁଭାରମ୍ଭ




ଭୁବନେଶ୍ୱର,(ପି.ଏନ) : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଆଇଏପି କ୍ୟାମ୍ପେନ, ସାଲାରି ୱାଲା ପ୍ଲାନର ଉନ୍ମୋଚନ କରିଛି ଯାହା "ସିଷ୍ଟମାଟିକ ୱିଥ୍‌ଡ୍ରୟାଲ ପ୍ଲାନ" (ଏସଡବ୍ଲ୍ୟୁପି)କୁ ଏକ ନୂଆ ରୂପ ଦେଇଛି। ଏହାଦ୍ୱାରା ନିବେଶକମାନେ ନିଜସ୍ୱ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡିକରୁ ଏକ ନିୟମିତ ନଗଦ ପ୍ରବାହ ସୃଷ୍ଟି କରିବା କରିବା ସହ ବଳକା ପାଣ୍ଠିର ନିବେଶ ବଜାୟ ରଖିପାରିବେ। ଏହି କ୍ୟାମ୍ପେନ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, "ଏସଆଇପିଗୁଡିକ ନିବେଶ ପାଇଁ ଏକ ଶୃଙ୍ଖଳିତ ମାଧ୍ୟମ ଭାବେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିବା ବେଳେ, ସ୍ଥାୟୀ ଆର୍ଥିକ ସ୍ୱାଧୀନତା ପାଇଁ ଏସଡବ୍ଲ୍ୟୁପିଗୁଡିକୁ ଏକ ରଣନୀତି ଭାବେ ଉପଯୋଗ କରାଯାଇନାହିଁ। ହାସ୍ୟାଗ ସାଲାରିୱାଲାପ୍ଲାନ କ୍ୟାମ୍ପେନ ମାଧ୍ୟମରେ ଆମେ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରି ଏହି ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପୂର୍ବନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ସ୍ଥାୟୀ ନଗଦ ପ୍ରବାହ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ଅଧିକ ପ୍ରାସଙ୍ଗିକ କରିବ। ଏହାକୁ ଏକ ଢାଂଚାଗତ, ବେତନ-ଭଳି ଆୟ ଭାବେ ନୂଆ ରୂପ ପ୍ରଦାନ କରି, ଆମେ ଏହାର ଦ୍ୱୈତ ଲାଭ ସମ୍ପର୍କରେ ସଚେତନତା ବଢାଇବାକୁ ଚାହୁଁଛୁ- ଯାହା ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ବଳକା ପାଣ୍ଠିର ନିବେଶ ବଜାୟ ରଖିବା ସହ ତରଳତା ସୁନିଶ୍ଚିତ କରିବ।" ଏହି କ୍ୟାମ୍ପେନର ଅଂଶ ଭାବେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଫିଲ୍ମ ଉନ୍ମୋଚନ କରିଛି ଯାହା ଏକ ଦମ୍ପତିଙ୍କୁ ଅନୁକରଣ କରୁଛି ଯିଏକି ନିଜର ଅବସର ପରବର୍ତୀ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ଅଛି ବୋଲି ବିଶ୍ୱାସ କରୁଛନ୍ତି ଏବଂ ସହଯୋଗ ପାଇଁ ନିଜର ସୁସ୍ଥାପିତ ପିଲାମାନଙ୍କ ଉପରେ ନିର୍ଭର କରୁଛନ୍ତି। ହାସ୍ୟରସ ଓ ପ୍ରାସଙ୍ଗିକତା ମାଧ୍ୟମରେ ଏହି ଫିଲ୍ମ ଦର୍ଶକମାନଙ୍କୁ କେବଳ ସମ୍ପତି ସଂଗ୍ରହ କରିବାଠାରୁ ଆଗକୁ ବଢିବା ଏବଂ ସେମାନେ କିଭଳି ଏକ ସଂରଚିତ, ନିବେଶ-ଭିତିକ ଆୟ ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ ସେସମ୍ପର୍କରେ ବିଚାର କରିବାକୁ ଅନୁପ୍ରାଣିତ କରୁଛି। ୱାନ୍-ଟାଇମ ୱିଥ୍‌ଡ୍ରୟାଲର ବିପରୀତରେ ଏସ୍‌ଡବ୍ଲ୍ୟୁପି ନିବେଶକଙ୍କୁ ପୂର୍ବ-ନିର୍ଦ୍ଧାରିତ ବ୍ୟବଧାନରେ ଏକ ସ୍ଥାୟୀ ଆୟ ଉଠାଣ କରିବାକୁ ଏବଂ ବଳକା ଅର୍ଥର ନିବେଶ ବଜାୟ ରଖିବାକୁ ଅନୁମତି ଦେଇଥାଏ। ଏସମ୍ପର୍କରେ ଗ୍ରେ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ଅନୁଶା ସେଟ୍ଟୀ କହିଛନ୍ତି, "ଯଦି ଜଣେ ବ୍ୟକ୍ତିଙ୍କୁ ନିଜ ପିଲା କିମ୍ବା ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥାଏ ତେବେ ଅବସର ଓ ନିରନ୍ତର ପାଣ୍ଠି ପ୍ରବାହର ଅଭାବ ଏକ ଦୁଃସ୍ୱପ୍ନ ହୋଇପାରେ। ହାସଟ୍ୟାଗ ସାଲାରିୱାଲା ପ୍ଲାନ ଅବସର ସ୍ଥିତିକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲାଭଦାୟକ ହୋଇପାରେ।"

## ଆର୍ଟ ଅଫ ଲିଭିଂ ଆନୁକୂଲ୍ୟରେ ପାରାଦୀପ ବନ୍ଦର କର୍ମଚାରୀ ଙ୍କ ପାଇଁ ସୁଦର୍ଶନ କ୍ରିୟା ଓ ଅନ୍ୟ କ୍ରିୟା ପଦ୍ଧତି ପ୍ରଶିକ୍ଷଣ କର୍ମଶାଳା

ପାରାଦୀପ,(ପି.ଏନ): ବିଶ୍ୱ ପ୍ରସିଦ୍ଧ ଆଧାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ ଆର୍ଟ ଅଫ୍ ଲିଭିଂ ଆନୁକୂଲ୍ୟରେ ପାରାଦୀପ ବନ୍ଦର ମୁଖ୍ୟ ଚିକିତ୍ସାଳୟାରେ ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ତତ୍ତ୍ୱାବଧାନରେ ବନ୍ଦର ର କର୍ମଚାରୀ ମାନଙ୍କ ଶାରୀରିକ ସୁସ୍ଥତା। ଓ ଦୈନ ଦିନ ଜୀବନରେ ବହୁ ପ୍ରକାର ଚିନ୍ତା ର ନିରାକରଣ ଏବଂ ଚାପ ପରିଚାଳନା ପାଇଁ ଏକ ତିନି ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ୧୮୦ଟି ରୁ ଉର୍ଦ୍ଧ ଦେଶରେ ଚାଲିଥିବା ଶ୍ରୀଶ୍ରୀ ଙ୍କ ଦ୍ୱାରା ପ୍ରଣୀତ ପଦ୍ଧତି ଓ ସୁଦର୍ଶନ କ୍ରିୟା ଶିଖା ଯାଇଥିଲା। ଏହି କର୍ମଶାଳାକୁ ପରିଚାଳନା କରିଥିଲେ ଆର୍ଟ ଅଫ ଲିଭିଂ ର ବରିଷ୍ଠ ପ୍ରଶିକ୍ଷିକ ଶ୍ରୀ ଦେବ ଜ୍ୟୋତି ଓ ତାଙ୍କୁ ସହଯୋଗ କରିଥିଲେ ଓଡ଼ିଶାର ସୁପରିଚିତ ଯୋଗ ଗୁରୁ ,ଜ୍ୟୋତିର୍ବିଦ ,ପ୍ରବଚକ ତଥା ଆର୍ଟ ଅଫ ଲିଭିଂର ପ୍ରଶିକ୍ଷିକ ଶ୍ରୀ ତାପସ ରଞ୍ଜନ ପତି।

## ୨୨ତମ ଜାତୀୟ ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'କଥା କର୍ଣ୍ଣଭାର'



ଭୁବନେଶ୍ୱର,(ପି.ଏନ): ବନ୍ଦର ନଗରୀ ପାରାଦ୍ୱୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନ ଠାରେ ଆୟୋଜିତ କ୍ୟାନଫେଷ୍ଟ - ୨୦୨୫ର ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର ମଞ୍ଚନ କରିଥିଲେ। କର୍ଣ୍ଣଙ୍କ ଜୀବନ, ରୀତିନୀତି ଏବଂ ଆବାହନ ପରେ ନାଟକଟି କର୍ଣ୍ଣଙ୍କ ସହିତ ଆରମ୍ଭ ହୁଏ, ତାଙ୍କ ଜୀବନର ଶେଷ ଭାଗରେ ତାଙ୍କ ରଥ ଚକ ଭୂମିରେ ଲାଗି ଯାଇଥିଲା। ପଛକୁ ଫେରି ଦେଖିବା କୁନ୍ତିଙ୍କ ବଡ଼ ପୁଅକୁ ଫେରାଇ ଆଣିବାର ଆଗ୍ରହ ଏବଂ କର୍ତବ୍ୟପରାୟାଣ ଦୁଃଖଦ ନାୟକଙ୍କ ପ୍ରତ୍ୟକ୍ଷାନ। ପରେ କର୍ଣ୍ଣ ଏବଂ ଶଲ୍ୟ ଯୁଦ୍ଧର ପ୍ରସ୍ତୁତି ସହିତ ଆସନ୍ତି କିନ୍ତୁ କର୍ଣ୍ଣ ଭାଙ୍ଗି ପଡିଥିବା ଏବଂ ବଞ୍ଚିତ ହୋଇଥିବା ଅନୁଭବ କରନ୍ତି। ସେ ତାଙ୍କ ଗୁରୁ ପର୍ଶୁରାମଙ୍କ ଅଭିଶାପ, ତାଙ୍କ ଜନ୍ମର ପ୍ରକୃତ କାହାଣୀ ଏବଂ ତାଙ୍କ ଜୀବନରେ ସେ ଯେଉଁ ସବୁ ଅଭାବ ଅର୍ଜନ କରିଛନ୍ତି ତାହା ମନେ ପକାନ୍ତି। କିନ୍ତୁ କର୍ଣ୍ଣ ତାଙ୍କ ଦୁଃଖରୁ ବାହାରି ଆସି ତାଙ୍କ ସାଥୀ ଶଲ୍ୟଙ୍କ ସାହାଯ୍ୟରେ ନିଜକୁ ଯୁଧଖେତ୍ରକୁ ଯିବାକୁ ପ୍ରେରଣା ଦିଅନ୍ତି କିନ୍ତୁ ଏହି ସମୟ ମଧ୍ୟରେ ଦେବରାଜ ଇନ୍ଦ୍ର ବ୍ରାହ୍ମଣ ବେଶରେ ଆସି ମହାଦାନ ଭିକ୍ଷା କରନ୍ତି। କର୍ଣ୍ଣ ଅନେକ ମୂଲ୍ୟବାନ ଜିନିଷ ପ୍ରଦାନ କରନ୍ତି କିନ୍ତୁ ଇନ୍ଦ୍ର ମନା କରନ୍ତି। ଶେଷରେ ସେ ତାଙ୍କର କବଚ୍ କୁଣ୍ଡଳ ପ୍ରଦାନ କରନ୍ତି -, ଯାହା ତାଙ୍କ ଜୀବନ ରକ୍ଷା ପାଇଁ ଥିଲା। ଇନ୍ଦ୍ର ଖୁସିରେ ପ୍ରଶଂସା କରନ୍ତି କାରଣ ଅର୍ଜୁନଙ୍କର ବିଜୟ ପାଇଁ ଏହା କୃଷ୍ଣଙ୍କ ଯୋଜନା ଥିଲା। ଏବେ ଜଣେ ଦେବଦୂତ ଆସି କର୍ଣ୍ଣଙ୍କୁ ବିମଳା ନାମକ ଏକ ଅବିକଳ ବର୍ଚ୍ଛା ପ୍ରଦାନ କରନ୍ତି ଏବଂ କର୍ଣ୍ଣଙ୍କୁ କୁହନ୍ତି ଯେ ଇନ୍ଦ୍ର କବଚ୍ ଓ କୁଣ୍ଡଳ ହରଣ କରି ଦୁଃଖିତ ଏବଂ ସେ ପାଣ୍ଡବ ମାନଙ୍କ ମଧ୍ୟରୁ ଜଣଙ୍କୁ ହତ୍ୟା କରିବା ପାଇଁ ଏହି ଅସ୍ତ୍ର ପଠାଇଛନ୍ତି। କର୍ଣ୍ଣ ବ୍ରାହ୍ମଣଙ୍କୁ ଫେରାଇ ନେବାକୁ କୁହନ୍ତି କିନ୍ତୁ ଯେତେବେଳେ କୁହାଯାଏ ଯେ ଏହା ଜଣେ ବ୍ରାହ୍ମଣଙ୍କ ନିମନ୍ତ୍ରଣରେ ନିଆଯାଇ ପାରେ କର୍ଣ୍ଣ ଏହାକୁ ଗ୍ରହଣ କରନ୍ତି। ଯେତେବେଳେ ଦେବଦୂତ ଅନ୍ତର୍ନିହିତ।ହୋଇ ଯାଆନ୍ତି, କର୍ଣ୍ଣ ଅର୍ଜୁନଙ୍କ ଶଙ୍ଖ ଶବ୍ଦ ଶୁଣି ଶଲ୍ୟଙ୍କୁ ତାଙ୍କର ରଥ ସେହି ସ୍ଥାନକୁ ନେଇଯିବାକୁ ନିର୍ଦ୍ଦେଶ ଦିଅନ୍ତି ଯେଉଁଠାରେ ଅର୍ଜୁନ ଠିଆ ହୋଇଛନ୍ତି। ଏଠାରେ ଯୁଦ୍ଧର ଏକ ନୃତ୍ୟ ନିର୍ଦ୍ଦେଶନା ପରେ ଜୀବନର ମାରାତ୍ମକ ଉତ୍ସବ, ପ୍ରଥମ ଦୃଶ୍ୟ ଜାରି ରହିଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray